## ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

# ବାଲିମାଫିଆ ନଦୀବନ୍ଧ ଦୁର୍ବଳ କରୁଥିବା ନେଇ ଉଦ୍‌ବେଗ

କଟକ,୧୩।୬(ସମିସ)

କଟକ ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ କମିଟିର ଏକ ପ୍ରାକ ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଅରିନ୍ଦମ ଡାକୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବଲିମାଫିଆ ମାନେ ଜିଲ୍ଲାରେ ଥିବା ନଦୀ ବନ୍ଧ ଗୁଡିକୁ ବେଆଇନ ବାଲି ଖନନ କରି ଦୁର୍ବଳ

**ସାମାଜିକ ଗଣମାଧ୍ୟମରେ କଣ୍ଟ୍ରୋଲ ରୁମ ଟେଲିଫୋନ ନମ୍ବର ସାର୍ବଜନୀନ ହେବ**

କରୁଥିବା ନେଇ ଉଦବେଗ ପ୍ରକାଶ ପାଇଥିଲା। ଏହି ବାଲିମାଫିଆଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜନପ୍ରତିନିଧୀମାନେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।




ସେହିପରି କଣ୍ଟ୍ରୋଲ ରୁମମାନଙ୍କର ଟେଲିଫୋନ ନମ୍ବର ସାମାଜିକ ଗଣମାଧ୍ୟମରେ ସାର୍ବଜନୀନ କରିବା ନିମନ୍ତେ ଜନପ୍ରତିନିଧୀମାନେ ପରାମର୍ଶ ଦେଇଥିଲେ। ଜିଲ୍ଲା ଏବଂ କାର୍ଯ୍ୟାଳୟସ୍ତରରେ କଣ୍ଟ୍ରୋଲରୁମର କାର୍ଯ୍ୟକାରିତା ବିଭିନ୍ନ ନଦୀବନ୍ଧ ମରାମତି, ବନ୍ୟାଜଳ ନିଷ୍କାସନ ବ୍ୟବସ୍ଥା, ସହରାଞ୍ଚଳର ଡ୍ରେନେଜ ସଫେଇ ଆଦି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା।

କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ, ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦୌସ, କଟକ ସଦର ବିଧାୟକ ପ୍ରକାଶ ସେଠୀ, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା, କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ, କଟକ ଜିଲ୍ଲା ପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ଏନଡିଆରଏଫର ଅଧିକାରୀ ବୃନ୍ଦ ଯୋଗଦେଇ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ସହ ପ୍ରାକୃତିକ ବିପର୍ଯ୍ୟୟ ସଂପୃକ୍ତ ପ୍ରସ୍ତୁତି ବାବଦରେ ବିସ୍ତୃତ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହାନ୍ତ ଅତିଥି ପରିଚୟ ଦେଇଥିବା ବେଳେ କଟକ ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ ଧନ୍ୟବାଦ ଦେଇଥିଲେ।

## କଟକରେ ବିଜେପିର ବିଜୟ ଉତ୍ସବ

**କଟକ,୧୩।୬(ସମିସ):** ବୁଧବାର ଦିନ ଓଡିଶାରେ ବିଜେପି ଦଳର ବିପୁଳ ବିଜୟ ହେବା ତଥା ମୁଖ୍ୟମନ୍ତ୍ରୀ ଭାବେ ମୋହନ ମାଝୀଙ୍କ ଶପଥ ଗ୍ରହଣ ପରେ ସନ୍ଧ୍ୟାରେ କଟକ ମହାନଗର ନିଗମ ଅନ୍ତର୍ଗତ ୨୮ ନଂ ୱାର୍ଡରେ ବିଜୟ ଉତ୍ସବ ତଥା ଏକ ମୋଟର ସାଇକଲ ରାଲି ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମ ବରିଷ୍ଠ ବିଜେପି ନେତା ବିଜୟ ମହାରଣା, ବିଶ୍ୱନାଥ ମଙ୍ଗଳ ପାଣ୍ଡେଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା ଏଥିରେ ଅନେକ ବରିଷ୍ଠ ନେତା ତଥା ପୁରୁଖା କର୍ମୀ ଯୋଗଦେଇ ଉତ୍ସବକୁ ପାଳନ କରିଥିଲେ। ଉକ୍ତ ରାଲି କଟକ ଭଗତପୁର ବଗଳା ଠାକୁରାଣୀ ମନ୍ଦିରରୁ ଆରମ୍ଭ ହୋଇ ବଙ୍ଗାଳୀସାହି, ବାଙ୍କିସାହି, ରାଜାବଗିଚା, କୁସନପୁର, ମଲାଚଣ୍ଡିଆ ଛକ, ତଳତେଲେଙ୍ଗା ବଜାର ଓ ମଠସାହି ଦେଇ ଅତିକ୍ରମ କରିବା ସହ ବିଭିନ୍ନ ସ୍ଥାନରେ ବାଣଫୁଟାଇ ଉତ୍ସବ ମନାଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଦିପ୍ତିରଞ୍ଜନ ସାହୁ, ପ୍ରଶାନ୍ତ ମହାରଣା, ସୁବାଷ ସେଠୀ, ଚିଟନ ବେହେରା, ବାବୁ ରାଣା, ଦେବାନନ୍ଦ ବେହେରା, ସନତ ମାହାର, ବଚନ ଦାସ, ଲଲାଟେନ୍ଦୁ ପ୍ରଧାନ, ସେତୁ ରଞ୍ଜନ ଦାସ, ଶୁଭମ ମହାରଣା, ବୁବୁନ ଦାସ, ଆରିଫ୍ ଖାନ ଓ ଅସୀମ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଉତ୍ସବକୁ ଉତ୍ସାହର ସହ ପାଳନ କରିଥିଲେ।



# ଆଠଗଡ଼ ବ୍ଲକ୍ ସମ୍ମୁଖରେ ବିଜେଡି-ବିଜେପି କର୍ମୀ ମୁହାଁମୁହିଁ

ଟିଗିରିଆ,୧୩।୬(ସମିସ):

ରାଜ୍ୟରେ ବିଜେପି ସରକାର ମନ୍ତ୍ରୀମଣ୍ଡଳ ଶପଥ ନେବା ପରେ ଆଠଗଡରେ ଏହାର ପ୍ରଭାବ ଦେଖାଦେଇଛି। ସରକାର ଆସିବା ପରେ ବିଜେପି କର୍ମୀମାନେ ଅଧିକ ଉତ୍ସାହିତ ହୋଇପଡିଥିବା ପରିଲକ୍ଷିତ ହୋଇଛି। ଏପରି ଏକ ଅସ୍ୱାଭାବିକ ପରିସ୍ଥିତି ଆଠଗଡ ବ୍ଲକ ସମ୍ମୁଖରେ ଦେଖାଦେଇଛି। ଆଠଗଡ ବ୍ଲକ୍ କାର୍ଯ୍ୟାଳୟ ବ୍ଲକ୍ ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ ଆଠଗଡ ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟମାନେ ବିଡିଓଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରୁଥିବା ବେଳେ ହଠାତ ବିଜେପି କର୍ମୀମାନେ ବ୍ଲକ କାର୍ଯ୍ୟାଳୟକୁ ଧସେଇ ପଶିବା ସହିତ ବିଧାୟକଙ୍କ ପ୍ରତିନିଧି ଓ ସରପଞ୍ଚ, ସମିତିସଭ୍ୟଙ୍କୁ ବ୍ଲକ ମଧ୍ୟରେ ନ ପୁରାଇ ଦେବା ପାଇଁ ଉଦ୍ୟମ କରିବାରୁ ଉଭୟ ଗୋଷ୍ଠୀ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ଆଠଗଡ ଉପଖଣ୍ଡ ଆରକ୍ଷୀ ଉପାଧିକ୍ଷକ ରବିନ୍ଦ୍ରନାଥ ମଲ୍ଲିକ ନେତୃତ୍ୱରେ ଆଠଗଡ ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଘଟଣା ସମୟରେ ବିଡିଓ ଓ ଅନ୍ୟାନ୍ୟ ପଦାଧିକାରୀମାନେ କାର୍ଯ୍ୟାଳୟରେ ନ ଥିବାରୁ ହେଡ କ୍ଲର୍କଙ୍କୁ ସ୍ମାରକ ପତ୍ର ପ୍ରଦାନ କରି ପ୍ରତିନିଧି ମାନେ ଫେରିଯାଇଥିଲେ। ଘଟଣାରୁ ପ୍ରକାଶ ଆଠଗଡ ବ୍ଲକ ଧାଇପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ମିନାକ୍ଷୀ



ରାଉତ, ଆଠଗଡ ବ୍ଲକ ଅଧ୍ୟକ୍ଷା ମିନତୀ ଆଚାର୍ଯ୍ୟଙ୍କ ସ୍ୱାମୀ ତଥା ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ବ୍ଲକ୍ ପ୍ରତିନିଧି ରଞ୍ଜନ ଆଚାର୍ଯ୍ୟଙ୍କୁ ବ୍ଲକ୍ ମଧ୍ୟରେ ପ୍ରବେଶ ନ କରାଇବା ପାଇଁ ଲିଖିତ ଆକାରରେ ଦେଇଥିଲେ, ନ ହେଲେ ଅପ୍ରୀତିକର ପରିସ୍ଥିତି ହେବ ବୋଲି କହିଥିଲେ। ଏହାକୁ ବିରୋଧ କରି ବିଜେଡି ସମର୍ଥିତ ବ୍ଲକ ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ମଲ୍ଲିକଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟା ଶାନ୍ତିଲତା ବେହେରା, ମିନତୀ ଗାଗରାଇ, ସଭ୍ୟ ବଳଭଦ୍ର ବାଘ ଓ ୩୩ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ନିର୍ବାଚିତ ପ୍ରତିନିଧିମାନେ ଆଠଗଡ ଥାନାରେ ପହଞ୍ଚି ଧାଇପୁର ସରପଞ୍ଚଙ୍କ ନାମରେ ଏତଲା ଦେବା ସହିତ ସୁରକ୍ଷା ପାଇଁ ଦାବି କରିଥିଲେ। ପରେ ବ୍ଲକ୍ କାର୍ଯ୍ୟାଳୟକୁ ଆସିବା ପରେ ଆଠଗଡ ସହର ଓ ନିକଟସ୍ଥ ଗ୍ରାମ ପଞ୍ଚାୟତର କିଛି ଯୁବକ କଟକ ଜିଲ୍ଲା ବିଜେପି ସମ୍ପାଦିକା ଇଲା ପଣ୍ଡାଙ୍କ ନେତୃତ୍ୱରେ ଆସି ପୁଲିସ କର୍ଡନ ଭାଙ୍ଗି ଧସ୍ତାଧସ୍ତି କରିଥିଲେ। ଘଟଣାକୁ ଆୟତ୍ତ କରିବା ପାଇଁ ପୁଲିସକୁ ନାକେଦମ୍ ହେବାକୁ ପଡିଥିଲା। ଘଟଣା ପରେ ଆଠଗଡ ବ୍ଲକର କର୍ମଚାରୀ ଓ ଜନସାଧାରଣଙ୍କ ଭିତରେ ଭୟର ବାତାବରଣ ଖେଳିଯାଇଥିଲା।

## ଶ୍ରୀଜୀଉଙ୍କୁ ଦର୍ଶନ କଲେ ୩୫ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ

କଟକ,୧୩।୬(ସମିସ)

କଟକ ସହରର ବିଭିନ୍ନ ବିଦ୍ୟାଳୟର ୩୫ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଗତ ମଙ୍ଗଳବାର ଶ୍ରୀକ୍ଷେତ୍ର ଯାଇ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନ ଲାଭ କରି କୃତାର୍ଥ ମଣିଛନ୍ତି। ସ୍ୱେଚ୍ଛାସେବୀ ସଂଗଠନ 'ସେବା ଶ୍ରୀ' ଆନୁକୂଲ୍ୟରେ ଆୟୋଜିତ ଏହି ତୀର୍ଥାଟନ କାର୍ଯ୍ୟକ୍ରମରେ ସହରର ୩ଟି ବିଦ୍ୟାଳୟର ଦିବ୍ୟାଙ୍ଗ ବିଦ୍ୟାର୍ଥୀ ସାମିଲ ହୋଇଥିଲେ। ସେମାନେ ପୁରୀରେ ପହଞ୍ଚିଲାପରେ ବ୍ୟାଟେରୀ ଚାଳିତ ଅଟୋରେ ଶ୍ରୀମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ଯାଇଥିଲେ। ପତିତପାବନଙ୍କୁ ମୁଣ୍ଡିଆ ମାରି ବାଇଶିପାହଚ ଦେଇ ଧାଡିରେ ମନ୍ଦିର ଭିତରକୁ ଯାଇଥିଲେ। ଭିତର କାଠ ନିକଟରେ ରତ୍ନସିଂହାନରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରିବା ଅବସରରେ 'ଜୟ ଜଗନ୍ନାଥ' ଉଚ୍ଚାରଣ କରି ସେମାନେ ଭାବବିହ୍ୱଳିତ ହୋଇ ଉଠିଥିଲେ। ଦିବ୍ୟାଙ୍ଗ ପିଲାମାନଙ୍କ ସୁବିଧାରେ ଦର୍ଶନ ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ କରାଯାଇଥିଲା। ପରେ ସେମାନେ ମହୋଦଧି ଦର୍ଶନ କରି ପ୍ରତ୍ୟାବର୍ତ୍ତନ କରିଥିଲେ। 'ସେବା ଶ୍ରୀ' ସଂଗଠନର ସଭାପତି ତାରିଣୀ ପ୍ରସାଦ ମହାପାତ୍ର ଓ ସଂପାଦକ ତୁଷାରକାନ୍ତି ସିଂଙ୍କ ତତ୍ତ୍ୱବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଗଠନର ଅନ୍ୟ କର୍ମକର୍ତ୍ତା ଓ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ।



## ଉଠାଦୋକାନୀଙ୍କୁ ଉଚ୍ଛେଦ ପ୍ରତିବାଦରେ ଦାବିପତ୍ର

**କଟକ,୧୩।୬(ସମିସ):** ଆଜି ବାଦାମବାଡି ଉଠାଦୋକାନୀ ସଂଘ ପକ୍ଷରୁ ଥଇଥାନ ନ କରି ହଠାତ ବାଦାମବାଡି ପୁରୁଣା ବସଷ୍ଟାଣ୍ଡ ପଥପାର୍ଶ୍ୱ ଉଠାଦୋକାନୀଙ୍କୁ ବାଦାମବାଡି ପୁଲିସ ଓ ଟ୍ରାଫିକ ପୁଲିସ ଯେଉଁଭଳି ଭାବେ ଉଚ୍ଛେଦ କରି ସେମାନଙ୍କ ଜିନିଷପତ୍ର, ଫଳ, ଖାଦ୍ୟ ଆଦି ଫୋପାଡି ଦେବା, ଅଶ୍ଳୀଳ ଗାଳିଗୁଲଜ କରିବା ପ୍ରତିବାଦରେ କଟକ ଡିସିପିଙ୍କୁ ପ୍ରତିବାଦ ଜଣାଇ ଏକ ଦାବି ପତ୍ର ପ୍ରଦାନ କରିଥିଲେ। ଭେଣ୍ଡି ଜୋନ ଦେବା ପାଇଁ ହାଇକୋର୍ଟ କେଶ ନଂ ୮୭୫୧/୨୪ ଅନୁଯାୟୀ ଦେଇଥିବା ନିର୍ଦ୍ଦେଶକୁ ମଧ୍ୟ ସରକାର କାର୍ଯ୍ୟକାରୀ କରୁନାହାନ୍ତି। କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ରାସ୍ତା ଅବରୋଧ ନ କରି ଫୁଟ୍‌ପାଥ ଛାଡି ରାସ୍ତା ପାର୍ଶ୍ୱରେ ଉଠାଦୋକାନୀଙ୍କୁ ବେପାର କରିବାକୁ ଆଇନଗତଭାବେ ସହଯୋଗ ଦେଲେ ସେମାନେ ସେମାନଙ୍କ ପରିବାର ଭରଣପୋଷଣ କରିପାରିବେ। ଏଥିପାଇଁ ଷ୍ଟ୍ରିଟଭେଣ୍ଡରସ ଆଇନ ୨୦୧୪ ଅନୁଯାୟୀ ଜୀବିକା ଅର୍ଜନ ପାଇଁ ପଥପାର୍ଶ୍ୱ ଉଠାଦୋକାନୀଙ୍କ ଆନ୍ଦୋଳନରେ କଟକ ଉଠାଦୋକାନୀ ମହାସଂଘ ସଭାପତି ଅମରେନ୍ଦୁ ମହାନ୍ତି, ଉପଦେଷ୍ଟା ବିନୋଦ ବେହେରା, ବାଦାମବାଡି ଉଠାଦୋକାନୀ ସଂଘ ସଂପାଦକ ଛବି ଖୁଣ୍ଟିଆ, ସହ ସଂପାଦକ ଶିବ ବେହେରା, ନିତ୍ୟାନନ୍ଦ ନାୟକ, ରଞ୍ଜନ ପରିଡା, ମିନୁଆ ଜେନା, ମଣ୍ଟୁ ପ୍ରଧାନ, ସୁରେନ୍ଦ୍ର ଛାଟୋଇ, ରାଜେଶ ଜେନା, ବାବୁଲି ଖୁଣ୍ଟିଆ, ଅଶୋକ ରାଉତ, ବିଷ୍ଣୁ ଚରଣ ରାଉତ, ଅଭିମନ୍ୟୁ ରାଉତ ପ୍ରମୁଖ ଯୋଗଦେଇ ଉଠାଦୋକାନୀଙ୍କୁ ରାସ୍ତା ପାର୍ଶ୍ୱରୁ ନ ଉଠାଇବା ପାଇଁ ଡିସିପିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ଶ୍ରୀ ଶ୍ରୀ ବୀର ଭଦରେଶ୍ୱର ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

ମାହାଙ୍ଗା,୧୩।୬(ସମିସ)

ମାହାଙ୍ଗା ବ୍ଲକ ତଥା ଭଦରେଶ୍ୱର ପଞ୍ଚାୟତ ଅନ୍ତର୍ଗତ ପାଣ୍ଡିଆ (ଝାଡଶ୍ୱରପୁର) ସ୍ଥିତ ଶ୍ରୀ ଶ୍ରୀ ବୀର ଭଦରେଶ୍ୱର ସାହିତ୍ୟ ସଂସଦର ୩୦ତମ ସାରସ୍ୱତ ଉତ୍ସବ ଆଜି ସଂସଦର ପ୍ରତିଷ୍ଠାତା ସମ୍ପାଦକ ରାଜକିଶୋର ମିଶ୍ରଙ୍କ ପାଣ୍ଡିଆ ସ୍ଥିତ ବାସଭବନ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସାହିତ୍ୟିକ ଗୌତମ ଚରଣ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରଥମ ଅଧିବେଶନରେ ଉଦଘାଟକ ଭାବେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ତଥା ସାହିତ୍ୟିକ ବିରୁପାକ୍ଷ ରାୟ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପୁଲିସ ଅଧିକାରୀ ତଥା କବି କୁଳମଣି ସାହୁ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଶିଶୁ ନୃତ୍ୟଶିଳ୍ପୀ ଲିପ୍ସା ମିଶ୍ର, ଅନନ୍ୟା ପ୍ରଧାନ ଓ ଉଷାରାଣୀ ସାହୁ



ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ। ପରେ ପରେ କବି ବିବେକାନନ୍ଦ ଦାସ, କବି ମମତା ମହାନ୍ତି ଓ ଲକ୍ଷ୍ମୀପ୍ରିୟା ରାଉତରାୟଙ୍କ ସଂଯୋଜନାରେ ବହୁ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। କବି ପ୍ରମୋଦ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି ସଂସଦର ସଭାପତି ଶିକ୍ଷାବିତ ଶଶଧର ପଣ୍ଡାଙ୍କ ଅଧ୍ୟକ୍ଷତାରେ ତଥା ସାହିତ୍ୟିକ ଭକ୍ତ ଚରଣ ସାହୁଙ୍କ ସଞ୍ଚାଳନରେ ଉତ୍ସବର ଦ୍ୱିତୀୟ ଅଧିବେଶନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ଶାରଦା ପ୍ରସାଦ ମିଶ୍ର ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ. ନିଖିଳେଶ ମହାନ୍ତି ଓ ସମ୍ମାନୀତ ଅତିଥି ଭାବେ ସୁଦର୍ଶନ ମହାପାତ୍ର ପ୍ରମୁଖ ଯୋଗଦେଇ ଏହି ସାହିତ୍ୟ ଅନୁଷ୍ଠାନ ଦୀର୍ଘ ୩୦ ବର୍ଷ ଧରି ସାହିତ୍ୟର ପ୍ରଚାର ପ୍ରସାର ପାଇଁ ବିଭିନ୍ନ ପଦକ୍ଷେପ ନେଇ ଆସୁଥିବାରୁ ଏହାର ପ୍ରତିଷ୍ଠାତା ଶ୍ରୀ ମିଶ୍ରଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ସଂସଦ ପକ୍ଷରୁ ପ୍ରକାଶିତ 'କୁଞ୍ଜ କଳିକା' ଓ ଲେଖକ ପ୍ରତାପ ରାଉତଙ୍କ ଉପନ୍ୟାସ 'କନ୍ୟାରତ୍ନ'କୁ ଅତିଥିମାନେ ଉନ୍ମୋଚିତ କରିଥିବା ବେଳେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସର୍ବଶ୍ରୀ ଗୌତମ ଚରଣ ଜେନା, ଡ଼ଃ ପବନେଶ୍ୱର ଜେନା, ଡ. ସିରାଜୁଦ୍ଦିନ, ମମତା ମହାନ୍ତି, ପ୍ରେମାଲତା ବେହୁରିଆ, ତୁଷାର ରଞ୍ଜନ ଜେନା, ପ୍ରଦୀପ ମହାରଣା, ସ୍ମୃତି ରଞ୍ଜନ ପଣ୍ଡା ଓ ଗୀତାରାଣୀ ମହାରଣାଙ୍କ ସମେତ ବହୁ ପ୍ରତିଭୂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ଗୌତମ ଚରଣ ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ରାଜ କିଶୋର ମିଶ୍ର ବିବରଣୀ ପାଠ କରିଥିଲେ। ବେତାର କଣ୍ଠଶିଳ୍ପୀ ଅଜୟ କୁମାର ଜେନା ଭକ୍ତି ସଙ୍ଗୀତ ପରିବେଷଣ କରିଥିବା ବେଳେ ଶିଶୁ ସାହିତ୍ୟିକ ପ୍ରଫୁଲ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ସର୍ବଶ୍ରୀ କଲ୍ଲୋଳ କୁମାର ମହାନ୍ତି, ସାମ୍ବାଦିକ ବିଜୟ କୁମାର କୁଅଁର, ମାନସ ପ୍ରଧାନ ଓ ଶ୍ରୀକାନ୍ତ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବଳଦେବଜୀଉ ଓ ହନୁମାନଜୀଉ ମନ୍ଦିର ରଥଯାତ୍ରାକୁ ନେଇ ଅନିଶ୍ଚିତତା

ମାହାଙ୍ଗା,୧୩।୬(ସମିସ)

ଗତ କିଛି ବର୍ଷ ଧରି ବଳଦେବଜୀଉ ହନୁମାନ ମନ୍ଦିର ଉମରର ଟ୍ରଷ୍ଟ ବୋର୍ଡ ଓ ସହକାରୀ ଦେବୋତ୍ତର କମିଶନରଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଥିବା ଯୋଗୁ ଏହା ଏବେ ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ଫଳରେ ଚଳିତ ବର୍ଷ ରଥଯାତ୍ରା ହେବା ନେଇ ଆଶଙ୍କା ଦେଖାଦେଇଛି। ସୂଚନାଯୋଗ୍ୟ ଯେ, ଏହି ମନ୍ଦିରର ଆୟ ଚାଷ ଜମି, ତିନୋଟି ପୋଖରୀ ଉପରେ ନିର୍ଭର କରେ। ଯେଉଁ ଆୟକୁ ନେଇ ମନ୍ଦିରର ଯାନିଯାତ୍ରା କରାଯାଇଥାଏ। ପ୍ରତିବର୍ଷ ଟ୍ରଷ୍ଟ ବୋର୍ଡ ଚାଷ ଜମି, ଫୁଲ ଓ ଭୋଗ ଦୋକାନ ପାଇଁ ଏପରିକି ପୋଖରୀ ପାଇଁ ପ୍ରତି ତିନିବର୍ଷରେ ନିଲାମ ଇସ୍ତାହାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଥାଏ। ଏଥିପାଇଁ ଦେବୋତ୍ତର ବିଭାଗର ସୁପାରିଶ ନେବା ପୂର୍ବରୁ କେବେ ହୋଇନାହିଁ। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଟ୍ରଷ୍ଟ ବୋର୍ଡ ଦ୍ୱାରା ସଂକଳ୍ପ ପତ୍ର ଅନୁସାରେ ତା. ୨୯.୦୫.୨୦୨୩ ରିଖରେ ଚାଷଜମି, ତିନୋଟି ପୋଖରୀ, ଫୁଲ ଓ ଭୋଗଦୋକାନ ପାଇଁ ନିଲାମ ନୋଟିସ କରାଯାଇଥିଲେ ମଧ୍ୟ ଅତିରିକ୍ତ ଦେବୋତ୍ତର ବିଭାଗର କମିଶନର କଟକ ଉଦ୍ଦେଶ୍ୟମୂଳକ ଭାବେ ହସ୍ତକ୍ଷେପ କରି ନିର୍ଦ୍ଦେଶାନାମା ନମ୍ବର ୭୮୨, ୮୮୪, ୭୮୬, ତା. ୦୧.୦୬.୨୦୨୩ ଦ୍ୱାରା ନିଲାମ ପ୍ରକ୍ରିୟାକୁ ବାତିଲ କରିଦେଇଥିଲେ। ଯାହାଫଳରେ ୨୦୨୩-୨୪



ଆର୍ଥିକ ବର୍ଷ ପାଇଁ ଚାଷ ଜମି, ତିନୋଟି ପୋଖରୀ, ଫୁଲ ଓ ଭୋଗ ଦୋକାନ ନିଲାମ ହୋଇପାରିଲା ନାହିଁ। ଯାହାଦ୍ୱାରା ମନ୍ଦିରର ଆୟ ଅହେତୁକ ଭାବେ ହ୍ରାସ ପାଇଲା।

ସୂଚନା ମୁତାବକ ତିନୋଟି ପୋଖରୀକୁ ତିନି ବର୍ଷ ପାଇଁ ତା.୨.୯.୨୦୧୯ ରିଖ ଠାରୁ ତା. ୧.୯.୨୦୨୨ ରିଖ ପର୍ଯ୍ୟନ୍ତ ଉମର ଗ୍ରାମର ଜନୈକ ବ୍ୟକ୍ତିଙ୍କୁ ଚୁକ୍ତିନାମା ଦ୍ୱାରା ବାର୍ଷିକ ୬୭ ହଜାର ଟଙ୍କାରେ ନିଲାମ ଦିଆଯାଇଥିଲା। ଉକ୍ତ ବ୍ୟକ୍ତି ଜଣକ ତିନି ବର୍ଷ ମଧ୍ୟରେ ଚୁକ୍ତି ଅନୁଯାୟୀ ଦେୟ ପଇଠ କରି ନ ଥିଲେ। ଅଦ୍ୟାବଧି ୪୬ ହଜାର ଟଙ୍କା ବାକି ଥିଲା ବେଳେ ସେ ଜୋରଜବରଦସ୍ତ ପୋଖରୀରୁ ମାଛ ଧରି ନେବାରୁ ତା. ୨୩.୦୭.୨୦୨୩ ରିଖରେ ଟ୍ରଷ୍ଟ ବୋର୍ଡ ଦ୍ୱାରା ତାଙ୍କ ବିରୁଦ୍ଧରେ ଭଦ୍ରେଶ୍ୱର ଥାନାରେ ଅଭିଯୋଗ କରାଯାଇଥିଲା। ଏଥିରେ ମଧ୍ୟ ଅତିରିକ୍ତ ଦେବୋତ୍ତର ଆୟୋଗ କଟକ ଥାନାରେ ହସ୍ତକ୍ଷେପ କରିଥିଲେ। ନିଲାମ ବାତିଲ ହେବାରୁ ମନ୍ଦିରର ଆୟ ବୃଦ୍ଧିକୁ ଦୃଷ୍ଟିରେ ରଖି ବୋର୍ଡର ରିଜୋଲ୍ୟୁସନ ଅନୁଯାୟୀ ତିନୋଟି ପୋଖରୀରେ ୧୩ ହଜାର ୫୬୦ ଟଙ୍କା ଖର୍ଚ୍ଚ କରାଯାଇ ମାଛ ଛଡା ଯାଇଥିଲା। ଟ୍ରଷ୍ଟ ବୋର୍ଡଙ୍କ ଅଗୋଚରରେ ଉକ୍ତ ନିଲାମଧାରୀ ବ୍ୟକ୍ତିଙ୍କ କାର୍ଯ୍ୟକାଳ ପୂରଣ ହେବାର ୧ବର୍ଷ ୬ ମାସ ପରେ ମଧ୍ୟ ଏସିସି କଟକ ତାଙ୍କୁ ମାଛ ଧରିନେବା ପାଇଁ ଏକ ଆଦେଶ କରିଥିଲେ ଏବଂ ଆଦେଶ ଦେବାର ଠିକ୍ ୧୫ ଦିନ ପରେ ଉକ୍ତ ବ୍ୟକ୍ତି ଜଣକ ତିନୋଟି ପୋଖରୀରୁ ବେଧଡକ ଭାବରେ ମାଛ ଧରିନେଇଥିଲେ। ଅତିରିକ୍ତ ଦେବୋତ୍ତର କମିଶନର କଟକ ଉଦ୍ଦେଶ୍ୟମୂଳକ ଭାବେ ମନ୍ଦିର ପରିସରରେ ହେଉଥିବା ହନୁମାନ ଜୟନ୍ତୀରେ ଅଯଥା ହସ୍ତକ୍ଷେପ କରିବା, ଭକ୍ତମାନଙ୍କୁ ଧମକ ଦେବା ଦ୍ୱାରା ସବୁ ବଡ ବଡ ପର୍ବପର୍ବାଣୀ ବର୍ତ୍ତମାନ ବନ୍ଦ ହେବାକୁ ଯାଉଛି। ଟ୍ରଷ୍ଟ ବୋର୍ଡ ପରିଚାଳନାରେ ମାତ୍ରାଧିକ ହସ୍ତକ୍ଷେପ କରିବା, ପୂଜକମାନଙ୍କୁ ଅହେତୁକ ଅନୁକମ୍ପା ଦେଖାଇବାରୁ ଟ୍ରଷ୍ଟି ବୋର୍ଡର ସମସ୍ତ ସଦସ୍ୟ ଦେବୋତ୍ତର କମିଶନର ଭୁବନେଶ୍ୱରଙ୍କ ଦ୍ୱାରସ୍ଥ ହୋଇ ସମୂହ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି ବୋଲି ଟ୍ରଷ୍ଟ ବୋର୍ଡ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ଯାହାଫଳରେ ଚଳିତ ବର୍ଷ ବଳଦେବଜୀଉ ହନୁମାନ ମନ୍ଦିର ପରିସରରେ ରଥଯାତ୍ରା ବନ୍ଦ ହେବା ନେଇ ଏବେଠୁ ଆଶଙ୍କା ସୃଷ୍ଟି ହେଲାଣି। ଏ ସଂପର୍କରେ କଟକ ଜିଲ୍ଲା ଦେବୋତ୍ତର ଅତିରିକ୍ତ ଆୟୁକ୍ତ ସଞ୍ଜୟ ଆଚାର୍ଯ୍ୟଙ୍କୁ ଯୋଗାଯୋଗ କରିବାରୁ ସେ ସଠିକ୍ ଭାବେ ଉତ୍ତର ନ ଦେଇ କଥାକୁ ଏଡାଇ ଦେଇ ଫୋନକୁ କାଟି ଦେଇଥିଲେ।

## ମା' ଧାକୁଲେଇଙ୍କ ଯଜ୍ଞ ପୂର୍ଣ୍ଣାହୁତି ସମ୍ପନ୍ନ

**କଟକ,୧୩।୬(ସମିସ):** କଟକ ମହାନଗର ନିଗମ ୫୮ ନମ୍ବର ୱାର୍ଡ ଅନ୍ତର୍ଗତ ପ୍ରତାପନଗରୀ ଗ୍ରାମରେ ଥିବା ଆରାଧ୍ୟଦେବୀ ମା' ଧାକୁଲେଇଙ୍କ ୩୭ତମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ସମ୍ପନ୍ନ ହୋଇଛି। ଦୀର୍ଘ ୩ ଦିନ ଧରି ଚାଲିଥିବା ଏହି ଯଜ୍ଞରେ ପ୍ରତ୍ୟେକ ଦିନ ନାମ ସଂକୀର୍ତ୍ତନ ଓ ଭଜନ ପରିବେଷଣ କରାଯାଇଥିଲା। ମା'ଙ୍କର ଯଜ୍ଞ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ପୂର୍ଣ୍ଣାହୁତି ଦିନ କଟକ ସଦର ନିର୍ବାଚନ ମଣ୍ଡଳୀର ନୂତନ ବିଜେପି ବିଧାୟକ ଇଂ. ପ୍ରକାଶ କୁମାର ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମା' ଧାକୁଲେଇ ଗ୍ରାମ ଉନ୍ନୟନ କମିଟି ସଭାପତି ପ୍ରମୋଦ କୁମାର ସ୍ୱାଇଁ, ସମ୍ପାଦକ ପ୍ରମୋଦ ବେହେରା, ସହସମ୍ପାଦକ ବାଦଲ ଜେନା, କୋଷାଧ୍ୟକ୍ଷ ବାଦଲ ସ୍ୱାଇଁ, ରାଜା ନାରାୟଣ ରାଉତ, ଅରୁଣ ରାଉତ, ରିତ ସ୍ୱାଇଁ, ସୁରେଶ ରାଉତ, ଶିବୁନ ସେନାପତି, ଚନ୍ଦ୍ରଶେଖର ରାଉତ, ଅଶୋକ ସ୍ୱାଇଁ, ସୁଜନ ବେହେରା, ରାଜ କିଶୋର ରାଉତ, ଭଜନାନନ୍ଦ ବେହେରା, ନିରଞ୍ଜନ ରାଉତ, ବିଶ୍ୱଜିତ ସେନାପତିଙ୍କ ସମେତ ଗ୍ରାମର ଅନେକ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ।



## ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟରେ ସ୍ନାତକୋତ୍ତର ଡିଗ୍ରୀ ପରୀକ୍ଷା ଫଳ ପ୍ରକାଶ

# ଅମିଶା ମିଶ୍ର କଲେଜର ବେଷ୍ଟ ଗ୍ରାଜୁଏଟ୍

ସାଲେପୁର, ୧୩।୬(ସମିସ)




ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟରେ ସ୍ନାତକୋତ୍ତର ଡିଗ୍ରୀ ପରୀକ୍ଷା ଫଳ ପ୍ରକାଶ ପାଇଛି। ଚଳିତ ବର୍ଷ ସ୍ନାତକୋତ୍ତର ଡିଗ୍ରୀ ପରୀକ୍ଷାରେ ପ୍ରାଣୀବିଜ୍ଞାନର ଛାତ୍ରୀ ଅମିଶା ମିଶ୍ର ସର୍ବାଧିକ ସିଜିପିଏ ୯.୬୭ ରଖି କେଲଜ୍ ବେଷ୍ଟ ଗ୍ରାଜୁଏଟ୍ ଭାବେ ବିବେଚିତ ହୋଇଛନ୍ତି। ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ +୩ ଡିଗ୍ରୀ କଲେଜ୍ ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କଲେଜ୍‌ର ଅଧ୍ୟକ୍ଷା ଡ଼ ସଂଗୀତା ମିଶ୍ର ପ୍ରକାଶ କରିଛନ୍ତି। ଏହି ଅବସରରେ କଲେଜ ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ସ୍ନାତକୋତ୍ତର ଡିଗ୍ରୀ ପରୀକ୍ଷା ଫଳର ପୁସ୍ତିକାକୁ ଉନ୍ମୋଚନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ କଲେଜ୍ ପରିଚାଳନା ସମିତିର ଅଧ୍ୟକ୍ଷ ମନୋରଞ୍ଜନ ଦାଶ ଓ କଲେଜର ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ଜେନା ଓ ସତ୍ୟନାରାୟଣ ପଟ୍ଟନାୟକ ଉପସ୍ଥିତ ଥିଲେ। ଚଳିତ ବର୍ଷ ସ୍ନାତକୋତ୍ତର ପରୀକ୍ଷାରେ କଳାରେ ଶିକ୍ଷା ବିଭାଗର ସୁଭଦ୍ରା ବେହେରା ସିଜିପିଏ ୯.୧୯ ରଖି ଟପ୍ପର ହୋଇଥିବାବେଳେ, ବାଣିଜ୍ୟରେ ଇତିଶ୍ରୀ ସାହୁ ସିଜିପିଏ ୯.୦୭ ରଖି ଟପ୍ପର ହୋଇଛନ୍ତି। +୩ ଡିଗ୍ରୀ ଅର୍ଥନୀତି ସମ୍ମାନରେ ମୋନାଲିସା ସିଂହ ଶ୍ରେଷ୍ଠ ସ୍ଥାନ ପାଇଥିବା ବେଳେ, ଶିକ୍ଷାରେ ସୁଭଦ୍ର ବେହେରା, ଇଂରାଜୀରେ ଅରୁନ୍ଧତୀ ମିଶ୍ର, ଇତିହାସରେ ଶୁଭଶ୍ରୀ ମହାପାତ୍ର, ଗୃହ ବିଜ୍ଞାନରେ ପ୍ରଣତୀ ବାରିକ୍, ଓଡିଆରେ ଲକ୍ଷ୍ମୀପ୍ରିୟା ମଲ୍ଲିକ୍, ଦର୍ଶନ ଶାସ୍ତ୍ରରେ ସୋନାଲୀ ଭୂୟାଁ, ରାଜନୀତି ବିଜ୍ଞାନରେ ସତ୍ୟପ୍ରକାଶ ବେହେରା, ସଂସ୍କୃତରେ ପ୍ରଜ୍ଞାପ୍ରିୟଦର୍ଶିନୀ ପୃଷ୍ଟି, ସୋସିଓଲୋଜିରେ ମେରିଲିନ୍ ସାହୁ ଶ୍ରେଷ୍ଠସ୍ଥାନ ଅଧିକାର କରିଛନ୍ତି ସେହିପରି +୩ ଡିଗ୍ରୀ ବାଣିଜ୍ୟ ସମ୍ମାନରେ ଇତିଶ୍ରୀ ସାହୁ ଶ୍ରେଷ୍ଠସ୍ଥାନ ହାସଲ କରିଛନ୍ତି। +୩ ଡିଗ୍ରୀ ବିଜ୍ଞାନ ସମ୍ମାନର ଉଦ୍ଭିଦ ବିଜ୍ଞାନରେ ଏଲିନା ରାଉତରାୟ ଶ୍ରେଷ୍ଠ ସ୍ଥାନ ହାସଲ କରିଥିବା ବେଳେ, ରସାୟନ ବିଜ୍ଞାନରେ ସରୋଜ କୁମାର ସାମଲ, ଗଣିତରେ ସୁଭାଶିଷ ସାହୁ, ପଦାର୍ଥ ବିଜ୍ଞାନରେ ରାଜନନ୍ଦିନୀ ସ୍ୱାଇଁ, ପ୍ରାଣୀବିଜ୍ଞାନରେ ଅମୀଶା ମିଶ୍ର ଶ୍ରେଷ୍ଠସ୍ଥାନ ହାସଲ କରିଥଲେ। ସେହିପରି ଚଳିତବର୍ଷ ବିସିଏରେ ୨୮ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୨୬ ଜଣ ପାସ୍ କରିଛନ୍ତି। ୨ଜଣ ଫେଲ୍ ହୋଇଥିବା ବେଳେ ୧୫ଜଣ ପ୍ରଥମ ଶ୍ରେଣୀ ଡିଷ୍ଟିଂସନ୍, ୧୧ଜଣ ପ୍ରଥମ ଶ୍ରେଣୀ ପାଇଛନ୍ତି। ସେହିପରି +୩ ଡିଗ୍ରୀ ଅର୍ଥନୀତିରେ ସମ୍ମାନରେ ୯୬.୩୦ ପ୍ରତିଶତ ଫଳାଫଳ ହୋଇଥିବା ବେଳେ ଶିକ୍ଷାରେ ସମ୍ମାନରେ ଶତପ୍ରତିଶତ ଫଳାଫଳ ହୋଇଛି। ସେହିପରି ଇଂରାଜୀ ଶତପ୍ରତିଶତ, ଗୃହ ବିଜ୍ଞାନରେ ୮୬.୬୭, ଓଡିଆରେ ୯୬.୫୫, ଫିଲୋସଫିରେ ୯୦.ପ୍ରତିଶତ, ରାଜନୀତି ବିଜ୍ଞାନରେ ଶତପ୍ରତିଶତ, ସଂସ୍କୃତରେ ୯୬.୧୫, ସୋସିଓଲୋଜିରେ ୯୬.୬୭ ପ୍ରତିଶତ ଫଳ ହୋଇଥିବା ଜଣାଯାଇଛି। ସମୁଦାୟ ୧୦ଟି ସମ୍ମାନରେ ୨୧୯ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୨୧୦ଜଣ ପାସ୍ କରିଛନ୍ତି। ୯ଜଣ ଫେଲ୍ ହୋଇଛନ୍ତି। ପ୍ରଥମ ଶ୍ରେଣୀ ଡିଷ୍ଟିଂସନ ୧୨୧, ପ୍ରଥମ ଶ୍ରେଣୀରେ ୪୨, ଦ୍ୱିତୀୟ ଶ୍ରେଣୀ ଡିଷ୍ଟିଂସନ୍ ୪ଜଣ, ଦ୍ୱିତୀୟ ଶ୍ରେଣୀରେ ୪୩ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି +୩ ଡିଗ୍ରୀ ବିଜ୍ଞାନ ସମ୍ମାନର ଉଦ୍ଭିଦ ବିଜ୍ଞାନରେ ଶତ ପ୍ରତିଶତ ଫଳାଫଳ ହୋଇଥିବା ବେଳେ ରସାୟନ ବିଜ୍ଞାନରେ ୯୦.୨୪, ଗଣିତରେ ଶତ ପ୍ରତିଶତ, ପଦାର୍ଥ ବିଜ୍ଞାନରେ ୯୭.୭୮, ଷ୍ଟାଟିଷ୍ଟିକ୍‌ରେ ୯୮.୮୯ ଓ ପ୍ରଣୀବିଜ୍ଞାନରେ ଶତପ୍ରତିଶତ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ଚଳିତ ବର୍ଷ ୧୮୪ଜଣ ପରୀକ୍ଷା ଦେଇଥିବା ବେଳେ ୧୭୮ଜଣ ପାସ୍ କରିଛନ୍ତି। ୬ଜଣ ଫେଲ୍ ହୋଇଛନ୍ତି। ପ୍ରଥମ ଶ୍ରେଣୀ ଡିଷ୍ଟିଂସନ୍‌ରେ ୭୭ଜଣ, ପ୍ରଥମ ଶ୍ରେଣୀରେ ୭୨ଜଣ, ଦ୍ୱିତୀୟ ଶ୍ରେଣୀରେ ୨୯ଜଣ ଛାତ୍ରଛାତ୍ରୀ ପାସ୍ କରିଥିବା ବେଳେ ସମୁଦାୟ ୬ଟି ବିଭାଗରେ ୯୬.୭୪ପ୍ରତିଶତ ଫଳାଫଳ ହୋଇଛି। ସେହିପରି ବାଣିଜ୍ୟ ସମ୍ମାନରେ ୧୫୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୧୩୨ଜଣ ପାସ୍ କରିଛନ୍ତି। ୨୫ଜଣ ଫେଲ୍ ହୋଇଥିବା ବେଳେ ପ୍ରଥମ ଶ୍ରେଣୀ ଡିଷ୍ଟିଂସନ୍‌ରେ ୫୨ଜଣ, ପ୍ରଥମ ଶ୍ରେଣୀରେ ୨୬ଜଣ, ଦ୍ୱିତୀୟ ଶ୍ରେଣୀ ଡିଷ୍ଟିଂସନ୍ ୧ଜଣ ଓ ଦ୍ୱିତୀୟ ଶ୍ରେଣୀରେ ୫୩ଜଣ ପାସ କରିଥିବା ଜଣାଯାଇଛି। ଏହି ଅବସରରେ ଶେଷରେ ପରୀକ୍ଷା ଉପନିୟନ୍ତ୍ରକ ଡ଼ ସ୍ୱାତୀ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ତୁଷାର ମହାନ୍ତି, କରୁଣାକର ମୁଦୁଲି, ଯଯାତି ଲେଙ୍କା, ସଞ୍ଜୟ ନାୟକ, ହରପ୍ରିୟା ସିଂହ, ଅୟସକାନ୍ତ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପରିଚାଳନ କରିଥିବାବେଳେ କଲେଜ ପରିଚାଳନା ସମିତିର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ।

● ଦେଓପୁର ହତ୍ୟାକାଣ୍ଡ ଘଟଣା

# ୨୦ ଦିନ ପରେ ବି ପୁଲିସ ହାତ ଖାଲି

**କଟକ, ୧୩।୬(ସମିସ):** କଟକ କମିଶନରେଟ ପୁଲିସ ଅନ୍ତର୍ଗତ କନ୍ଦରପୁର ଥାନା ଅଧୀନ ନିମେଇସାପୁର ଗ୍ରାମ ପଞ୍ଚାୟତ ସ୍ଥିତ ଦେଓପୁର ଗ୍ରାମରେ ଗତ ମାସ ୨୪ ତାରିଖ ମଧ୍ୟ ରାତ୍ରରେ ଘଟିଥିବା ସରୋଜ ଭୋଇ ହତ୍ୟାକାଣ୍ଡର ଦୀର୍ଘ ୨୦ଦିନ ବିତିଯାଇଥିଲେ ମଧ୍ୟ କନ୍ଦରପୁର ଥାନା ପୁଲିସ ହାତ ଖାଲି। ମୃତ ସରୋଜ ଭୋଇଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ପୁଲିସ କୌଣସି ଆଖିଦୃଶିଆ କାର୍ଯ୍ୟ କରିନାହିଁ। ଏପରିକି ଏହି ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ କରିବା ତ ଦୂରର କଥା, ହତ୍ୟାକାରୀ କିଏ ତାହା ମଧ୍ୟ ଚିହ୍ନଟ କରିବାରେ ବିଫଳ ହୋଇଛି।



● କଂଗ୍ରେସର ଦାବିପତ୍ର ପ୍ରଦାନ; ଆନ୍ଦୋଳନ ଚେତାବନୀ

ବର୍ତ୍ତମାନ ଏହି ହତ୍ୟାକାଣ୍ଡ ସମ୍ପୂର୍ଣ୍ଣ ଭାବରେ ଅନ୍ଧାର ଓ ରହସ୍ୟ ଘେରକୁ ଚାଲିଯାଇଛି। ଏହି ପରିପ୍ରେକ୍ଷୀରେ କଟକ ସଦର କଂଗ୍ରେସ ନେତା ରାମଚନ୍ଦ୍ର ଗୋଛାୟତଙ୍କ ନେତୃତ୍ୱରେ କଂଗ୍ରେସ ଦଳର ଏକ ପ୍ରତିନିଧି ମଣ୍ଡଳୀ କନ୍ଦରପୁର ଥାନା ଅଧିକାରୀ ତଥା ଏହି ହତ୍ୟାକାଣ୍ଡର ତଦନ୍ତକାରୀ ଅଧିକାରୀ ରାଧାକାନ୍ତ ସାହୁଙ୍କୁ ସାକ୍ଷାତ କରି ଉକ୍ତ ହତ୍ୟାକାଣ୍ଡ ବାବଦରେ ବିସ୍ତୃତ ଭାବେ ଆଲୋଚନା କରିବା ସହ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ କରି ହତ୍ୟାକାରୀଙ୍କୁ ଗିରଫ କରିବା ପାଇଁ ଦୃଢ଼ ଦାବି କରିଥିଲେ। ଯଦି ଆସନ୍ତା ଦଶଦିନ ମଧ୍ୟରେ ଉକ୍ତ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ କରି ଦୋଷୀଙ୍କୁ ଗିରଫ କରା ନ ଯାଏ ତେବେ କଟକ ସଦର କଂଗ୍ରେସ ପକ୍ଷରୁ କନ୍ଦରପୁର ଥାନା ଘେରଉ କରାଯିବା ସହ ପୁଲିସ ମହାନିର୍ଦ୍ଦେଶକ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି କଂଗ୍ରେସ ନେତୃମଣ୍ଡଳୀ ପ୍ରକାଶ କରିଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ବରିଷ୍ଠ କଂଗ୍ରେସ ନେତା ତଥା ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବାର ଆସୋସିଏସନର ପୂର୍ବତନ ସମ୍ପାଦକ ଆଲୋକ ପ୍ରସାଦ ନନ୍ଦ, କଟକ ଜିଲ୍ଲା କଂଗ୍ରେସ ମୁଖପାତ୍ର ଅଶୋକ ସ୍ୱାଇଁ, ଉଗ୍ରସେନ ଭୂୟାଁ, ରଞ୍ଜନ ନନ୍ଦ, ସୀତାକାନ୍ତ ପଣ୍ଡା, ନିରଞ୍ଜନ ଲେଙ୍କା, ଜୀବନ ଜେନା, ଦୀପ୍ତି ରଞ୍ଜନ ଲେଙ୍କା, ରୁଷି କାଣ୍ଡି, ଅଜୟ ମଲିକ, ଚିରଞ୍ଜିବୀ ମହାନ୍ତି, ମହମ୍ମଦ କାସିମ୍, ଦିଲୀପ ବାରିକ, ସୁବ୍ରତ ବସ୍ତିଆ, ଦିଲୀପ ସାମଲ, ବିଭୁ ପ୍ରସାଦ ଦ୍ୱିବେଦୀ, ଛବି ମଲିକ, ପ୍ରଦୀପ ସାହୁ ପ୍ରମୁଖ ବହୁ କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଉପ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ



**ନିଆଳି, ୧୩।୬(ସମିସ):** ବିଜେପିର ରାଜ୍ୟ ପ୍ରବକ୍ତା, ବିଜେପି ନେତା ତଥା ନିଆଳି ଅଞ୍ଚଳର ରାଜେନ୍ଦ୍ର ପ୍ରସାଦ ପଣ୍ଡା ଓଡ଼ିଶାର ନୂତନ ଉପମୁଖ୍ୟମନ୍ତ୍ରୀ ପାଟଣାଗଡ଼ ରାଜା ସାହେବ କନକବର୍ଦ୍ଧନ ସିଂହଦେଓଙ୍କୁ ସାକ୍ଷାତ କରିବା ସହ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଶ୍ରୀ ପଣ୍ଡା ଉପମୁଖ୍ୟମନ୍ତ୍ରୀଙ୍କ ବାସ ଭବନରେ ପହଞ୍ଚି ତାଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରି ନିଆଳି ନିର୍ବାଚନ ମଣ୍ଡଳୀ ସଂକ୍ରାନ୍ତରେ ଆଲୋଚନା କରିବା ସହ ଦଳର ସାଂଗଠନିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଦୀର୍ଘ ୧୫ ବର୍ଷ ଧରି ନିଆଳିରେ ବିଜେଡିକୁ ହରାଇବା ସହ ବିଜେପି ଉପରେ ଆସ୍ଥା ପ୍ରକଟ କରିଛନ୍ତି। ସେହିପରି ନିଆଳି ନିର୍ବାଚନ ମଣ୍ଡଳୀରେ ବିଜେପିର ବିଧାୟକ ପ୍ରାର୍ଥୀଙ୍କ ବିଜୟ ହୋଇଥିବାରୁ ନିଆଳି ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିବା ନେଇ ଆଲୋଚନା କରିଥିଲେ।

# କୃଷି ବିଜ୍ଞାନ କେନ୍ଦ୍ରରେ ତାଲିମ କାର୍ଯ୍ୟକ୍ରମ




**ଟାଙ୍ଗୀ, ୧୩।୬(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଉଚ୍ଚପଦା ପଞ୍ଚାୟତ ସନ୍ଥପୁର ଗ୍ରାମସ୍ଥ କୃଷି ବିଜ୍ଞାନ କେନ୍ଦ୍ର କଟକ ଆନୁକୂଲ୍ୟରେ ତିନି ଦିନିଆ ବଗିଚା ଓ ଚାଷ ରକ୍ଷଣକାରୀ ମାଳି ସମ୍ବନ୍ଧୀୟ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରଶିକ୍ଷଣରେ ଚାଷ କ୍ଷେତ୍ରରେ ଅଭିଜ୍ଞ କୃଷକ ଓ କୃଷିଜୀବୀ ମହିଳାଙ୍କୁ ଚିହ୍ନଟ କରିବା ଲକ୍ଷ୍ୟରେ କୌଶଳ ଭାରତ କୁଶଳ ଭାରତ ଅନ୍ତର୍ଗତ ଆରପିଏଲ ଗାର୍ଡେନର ଉପରେ ପ୍ରଶିକ୍ଷଣ ଦେବା ସହ ନର୍ସରୀ ପ୍ରସ୍ତୁତି, ଉଦ୍ଭିଦର ବଂଶ ବିସ୍ତାର ପ୍ରଣାଳୀ, ରୋଗପୋକର ପରିଚାଳନା, ଡାଳ କଲମ୍ବି, ଗ୍ରାଫ୍ଟିଂ ଓ କର୍ମସଂସ୍ଥାନ ଆଦି ବିଷୟ ଉପରେ ଆଲୋଚନା କରାଯାଇଥିଲା। ଉଦ୍ୟାନ ବିଶେଷଜ୍ଞ ଡ. ତୁଷାର ରଞ୍ଜନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରଶିକ୍ଷଣରେ ପ୍ରଶିକ୍ଷକ ଭାବେ କେବିକେର ଭାରପ୍ରାପ୍ତ ଅଧିକାରୀ ତଥା ବୈଜ୍ଞାନିକ ଡ. ରଞ୍ଜନ କୁମାର ମହାନ୍ତ, ମୃତ୍ତିକା ବିଶେଷଜ୍ଞ ଡ. ଦିଲ୍ଲୀପ ରଞ୍ଜନ ଷଡ଼ଙ୍ଗୀ, ଫସଲ ବିଶେଷଜ୍ଞ ରାଜନ କାମ୍ବ୍ରେଜ ଓ ଡ଼ଃ ପ୍ରଭଞ୍ଜନ ମିଶ୍ର ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କଟକ ଜିଲ୍ଲାର ଛଅଟି ବ୍ଲକରୁ ୪୦ଜଣ କୃଷିଜୀବୀ ଅଂଶଗ୍ରହଣ କରିଥିଲାବେଳେ କେନ୍ଦ୍ର ତରଫରୁ ସମସ୍ତଙ୍କୁ ଉଦ୍ୟାନଭିତ୍ତିକ ଉପକରଣ ବଣ୍ଟନ କରାଯାଇଥିଲା। ଉକ୍ତ ପ୍ରଶିକ୍ଷଣରେ ସମସ୍ତ ସହକର୍ମୀ ସହଯୋଗ କରିଥିଲେ।

# ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ



**ବଡମ୍ବା, ୧୩।୬(ସମିସ):** ବଡମ୍ବା ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଚଳିତ ବର୍ଷର ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ ହୋଇଯାଇଛି। ବଡମ୍ବା ଦେବୋତ୍ତର ଅଧିକାରୀ ତଥା ତହସିଲଦାର ଶାଶ୍ୱତ ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଏବଂ ଦେବୋତ୍ତର ପର୍ଯ୍ୟବେକ୍ଷକ ବିପିନି ବିହାରୀ ପୂର୍ବରାଙ୍କ ସଂଯୋଜନାରେ ଅତିଥିଭାବେ ବଡମ୍ବା ରାଜ ପରିବାରର ସଦସ୍ୟ ପଞ୍ଚାୟତ ତ୍ରିଭୁବନ ଚନ୍ଦ୍ର ଦେବ, ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରମେଶ କୁମାର ଜେନା ଉପସ୍ଥିତ ଥିଲେ। ଚଳିତ ବର୍ଷ ଜୁଲାଇ ମାସ ୭ ତାରିଖରେ ରଥଯାତ୍ରା ପଡୁଥିବା ଅବସରରେ ଚଳିତ ମାସ ୨୨ ତାରିଖରେ ଦେବସ୍ନାନ ପୂର୍ଣ୍ଣମୀ ଠାରୁ ଠାକୁରଙ୍କ ସମସ୍ତ ନୀତିକାନ୍ତି ସମ୍ପୂର୍ଣ୍ଣ ରୂପେ ପରିଚାଳନା ପାଇଁ ସେବାୟତ ଏବଂ ତତ ସଂଲଗ୍ନ ସମସ୍ତ ଅଧିକାରୀଙ୍କୁ ଆଗ୍ରହ କରାଯାଇଥିଲା। ରଥ ନିର୍ମାଣ ପାଇଁ କାଠ, ରଥଯାତ୍ରା ପାଇଁ ମନ୍ଦିରର(ଉଭୟ) ସୌନ୍ଦର୍ଯ୍ୟକରଣ, ରାସ୍ତାର ମରାମତି ଏବଂ ରଥଯାତ୍ରା ଦିନ ଯାନ ବାହାନର ଯିବା ଆସିବାର କଟକଣା ସହ ରଥଦଉଡିକୁ କିପରି ଶାନ୍ତିଶୃଙ୍ଖଳାରେ ଟଣାଯିବା ଉପରେ ସମସ୍ତ ବିଭାଗଙ୍କ ସହ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ରଥଯାତ୍ରା କମିଟିର ସଦସ୍ୟ ସୂର୍ଯ୍ୟକିଶୋର ମହାନ୍ତି, ଚିନ୍ମୟ ପଟ୍ଟନାୟକ, ସନ୍ତୋଷ ପଟ୍ଟନାୟକ, ସାମ୍ବାଦିକ ଚିନ୍ମାଦା ମହାନ୍ତି, ରମେଶ ଚନ୍ଦ୍ର ବେହେରା, ରାଜକିଶୋର ରଣା, ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ରାଧେଶ୍ୟାମ ସାହୁ, ବିଦ୍ୟୁତ ବିଭାଗର ଯନ୍ତ୍ରୀ ଆଶୁତୋଷ ମହାଭୋଇ, ଆରକ୍ଷୀ ବିଭାଗର ଅଧିକାରୀ ସମ୍ବିତ ସ୍ୱାଇଁ, ସାମ୍ବାଦିକ ପ୍ରଦୀପ୍ତ ମହାପାତ୍ର, ସେବାୟତ ସରୋଜ ରଥଶର୍ମା, କିଶୋର ମୋହନ ମିଶ୍ର, ସଞ୍ଜୟ ଶତପଥୀ, ବିଭୂପ୍ରସାଦ ମିଶ୍ର ବିଭିନ୍ନ ଗଠନମୂଳକ ପ୍ରସ୍ତାବ ଉପସ୍ଥାପନା କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରତିଭା ବିକାଶ ପ୍ରତିଷ୍ଠାନ ପକ୍ଷରୁ କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା

**କଟକ, ୧୩।୬(ସମିସ):** ସାମାଜିକ ସଂଗଠନ ପ୍ରତିଭା ବିକାଶ ପ୍ରତିଷ୍ଠାନ ତରଫରୁ ସରସ୍ୱତୀ ଶିଶୁ ମନ୍ଦିର ବେଣ୍ଟକାର ପ୍ରାଙ୍ଗଣରେ ଦଶମ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରତିଷ୍ଠାନର ସଭାପତି ଇଂ.ଅଶୋକ କୁମାର ବିଶ୍ୱାଳଙ୍କ



ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ରୁଦ୍ର ନାରାୟଣ ଦାସ ସଭା ପରିଚାଳନା କରିଥିବା ବେଳେ ବରଣ୍ୟ ଅତିଥି ଭାବରେ ପ୍ରଧାପକ ଡ଼ଃ.ସେକ କଲିମୁଲ୍ଲା, ଓଷ୍ଟାର ପୂର୍ବତନ ସମ୍ପାଦକ ଚୈତନ୍ୟ ପ୍ରସାଦ ରାଉତ, ବେଣ୍ଟକାର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କଳ୍ପତରୁ ପାଗଲ, ସାମ୍ବାଦିକ ଡ. ଚିତ୍ତରଞ୍ଜନ ବେହେରା ଓ ଶିକ୍ଷକ ଗୁରୁ ରବୀନ୍ଦ୍ର ନାଥ ଦାସ ପ୍ରଭୃତି ଅତିଥି ଭାବରେ ଯୋଗଦେଇଥିଲେ। ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ତଞ୍ଜିଲା ମିର୍ଜା, ପ୍ରୀତିଲିପା ଦାସ, ଶୁଭଶ୍ରୀ ମହାପାତ୍ର ଓ ଛାତ୍ର ଶ୍ରୀଜିତ ଜେନା ପ୍ରଭୃତିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସାମାଜିକ ସଂଗଠନ ବଟକୃଷ୍ଣ ବିଶ୍ୱାଳ ମେମୋରିଆଲ ପକ୍ଷରୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଶିଶୁ ମନ୍ଦିରର ପ୍ରଧାନ ଗୁରୁଜୀ ମନୋରଞ୍ଜନ ଶତପଥୀ, ଗୁରୁଜୀ ବିଶ୍ୱଜିତ ପାଣି ଓ ସମାଜସେବୀ ବିନୋଦ ବିହାରୀ ବେହେରା ପ୍ରଭୃତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ଅଭୟ ଦାସ ଧନ୍ୟବାଦ ଦେଇଥିଲେ। ବରିଷ୍ଠ ସଭ୍ୟ ବିଷ୍ଣୁଚରଣ ଦାସ, ନଟବର ବେହେରା, କାର୍ତ୍ତିକ ଦାସ, ରମେଶ ମଲିକ, କ୍ଷୀରୋଦ ଦାସ, ଘନଶ୍ୟାମ ମଲ୍ଲିକ, କାହ୍ନୁ ପତି, ଭାସ୍କର ଦାସ, ସନ୍ତୋଷ ଭୋଇ ଓ ଛାତ୍ରଛାତ୍ରୀଙ୍କ ଅଭିଭାବକ ଉପସ୍ଥିତ ଥିଲେ। ଉପସଭାପତି ପ୍ରଭାତ ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଚକ୍ଷୁ ଚିକିତ୍ସା ଓ ସ୍ୱାସ୍ଥ୍ୟ ଶିବିର

**କଣ୍ଟାପଡ଼ା, ୧୩।୬(ସମିସ):** ସାମାଜିକ ଅନୁଷ୍ଠାନ ଚେତନା ପକ୍ଷରୁ କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମ ପଞ୍ଚାୟତ ବାଲିପଡ଼ା ଗ୍ରାମର ପଲ୍ଲିଶ୍ରୀ ଯୁବକ ସଂଘ ଆନୁକୂଲ୍ୟରେ ଏଚଡିବି ଆର୍ଥିକ ସହାୟତା କମ୍ପାନୀ ତରଫରୁ ବୁଧବାର ଦିନ ଏହି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ସମୁଦାୟ ୧୮୭ ଜଣ ଲୋକଙ୍କର ଚକ୍ଷୁ ଏବଂ ରକ୍ତ ପରୀକ୍ଷା କରାଯାଇ



୫୮ଜଣଙ୍କୁ ଚଷମା ପ୍ରଦାନ ସହ ଆବଶ୍ୟକ ଔଷଧ ପ୍ରଦାନ କରାଯାଇଥିଲା। ଗ୍ରାମର ଭାଗବତ ଘର ପରିସରରେ ରକ୍ତହୀନତାର ଉପଚାର ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଚେତନା ସଂସ୍ଥା ତରଫରୁ ରିତୁ ବାରିକ, ନୀଳମାଧବ ସାହୁ ଏବଂ ରାକେଶ ସ୍ୱାଇଁ, ଭାଗ୍ୟରଥୀ ବାରିକ, ଗୌରାଙ୍ଗ ଦାଶ, ଗୋପାଳ ଭୋଇ, ଜ୍ଞାନପୂର୍ଣ୍ଣ ବେହେରା ପ୍ରମୁଖ ଆୟୋଜନ କରିଥିଲେ।

# ନାବାଳକ ନିଶାମୁକ୍ତି କେନ୍ଦ୍ରରେ ଦନ୍ତ ଚିକିତ୍ସା ଶିବିର



**ଚୌଦ୍ୱାର, ୧୩।୬(ସମିସ):** ଚୌଦ୍ୱାରରେ ଥିବା ଓଡ଼ିଶାର ଏକମାତ୍ର ଦେୟମୁକ୍ତ ନାବାଳକ ନିଶାମୁକ୍ତି କେନ୍ଦ୍ର ପରିବର୍ତ୍ତନ କିଶୋର ନିଶାମୁକ୍ତି ଓ ପୁନର୍ବାସକେନ୍ଦ୍ରରେ ଏକ ଦନ୍ତ ପରୀକ୍ଷଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସ୍ଥାନରୁ ଆସି ରହୁଥିବା ପ୍ରାୟ ୨୮ଜଣ ଅନ୍ତେବାସୀଙ୍କ ଦନ୍ତ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୨୦ ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ହାଇଟେକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଭୁବନେଶ୍ୱର ସ୍ଥିତ ହାଇଟେକ ମେଡିକାଲର ଚିକିତ୍ସକ ଅଙ୍କିତ ମହାପାତ୍ର, ପଦ୍ମଜା ଦାସ, ପବନ ପ୍ରଧାନ, ମୋନାଲିସା ଦାସ ଶିବିରରେ ଯୋଗଦେଇ ଚିକିତ୍ସା କରାଇଥିଲେ। ଶିବିରକୁ ସମାଜସେବୀ ବିଷ୍ଣୁଚରଣ ପରିଡ଼ା ଓ ଫାଉଣ୍ଡେସନର ଅଧ୍ୟକ୍ଷା ଭାରତୀ ଦାସ ଉଦ୍‌ଘାଟନ କରିଥିଲେ। ନରୋତ୍ତମ ଦାସ, ପ୍ରିୟଙ୍କା ଦାସ, ବଦ୍ରିନାରାୟଣ ଅଧିକାରୀ, ସୁବ୍ରତ ଖଟୁଆ, ସରୋଜ ସାହୁ, କେଦାରନାଥ ବେହେରା, ମାନସୀ ନାଥଙ୍କ ସମେତ ଉଦ୍ଧାର ଫାଉଣ୍ଡେସନର କର୍ମକର୍ତ୍ତାମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ବ୍ରହ୍ମକ୍ଷେତ୍ରରେ ରଥ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ



**ନିଶ୍ଚିନ୍ତକୋଇଲି, ୧୩।୬(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନୀପୁର ପଞ୍ଚାୟତ ବ୍ରହ୍ମକ୍ଷେତ୍ରରେ ଶ୍ରୀ ଶ୍ରୀବଳଦେବଜୀଉଙ୍କର ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ଶ୍ରୀ ଜୀଉଙ୍କ ରଥ ଖଳାରେ ମହାରଣା କାରିଗମାନେ ନିର୍ମାଣ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଶ୍ରୀ ବଳଦେବଜୀଉଙ୍କ ମ୍ୟାନେଜିଂ ଟ୍ରଷ୍ଟି ଧିରେନ୍ଦ୍ରନାଥ ବେହେରାଙ୍କ ତତ୍ତ୍ୱାବଧାନରେ ଶ୍ରୀଜୀଉଙ୍କ ନିର୍ଦ୍ଦେଶ ନେଇ ରଥ ନିର୍ମାଣର ମୁଖ୍ୟ କାରିଗର ମହାରାଣୀ ଧ୍ରୁବଚରଣ ମହାରଣାଙ୍କ ନେତୃତ୍ୱରେ ପବିତ୍ର ଅକ୍ଷୟ ତୃତୀୟା ଠାରୁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଚଳିତ ବର୍ଷ ଜୁଲାଇ ୬ ତାରିଖରେ ଶ୍ରୀଜୀଉଙ୍କର ନବଯୌବନ ଦର୍ଶନ ଓ ନେତ୍ର ଉତ୍ସବ ଏବଂ ୭ ତାରିଖ ଦିନ ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ବ୍ରହ୍ମକ୍ଷେତ୍ର ପୀଠରେ ନିର୍ମାଣ ହେବାକୁ ଥିବା ବୃହତକାୟ ବାରଟି ଚକ ବିଶିଷ୍ଟ ୬୭ଫୁଟ୍ ଉଚ୍ଚତା ରଥକୁ ଶ୍ରୀଗୁଣ୍ଡିଚା ପୂର୍ବରୁ ନିର୍ମାଣ କାର୍ଯ୍ୟ ଶେଷ ନିମନ୍ତେ ଅଧିକ କାରିଗର ମଧ୍ୟ ନିୟୋଜିତ କରାଯାଇଛି। ଏହି ରଥ ଯାତ୍ରା ଏହି ଅଞ୍ଚଳର ଏକ ପ୍ରମୁଖ ଯାତ୍ରା ହୋଇଥିବାରୁ ଏଥିରେ ହଜାର ହଜାର ସଂଖ୍ୟାରେ ଭକ୍ତ ମହାପ୍ରଭୁଙ୍କ ରଥ ଟାଣିବା ସହ ବିଭୂ କୃପା ଲାଭ କରିଥାନ୍ତି। ବର୍ତ୍ତମାନ ରଥ ଦାଣ୍ଡଟି ଢଳେଇ ହୋଇଯାଇଥିଲା ବେଳେ ଏହାର ପାର୍ଶ୍ୱରେ ଲାଗିଥିବା ଉଜ୍ଜଳି ଆଲୋକୀକରଣର ମରାମତି କରାଯିବା, ରଥ ଦାଣ୍ଡର ଦୁଇ ପାର୍ଶ୍ୱ ପରିଷ୍କାର ପରିଚ୍ଛନ୍ନ କରାଯିବା ଏବଂ ଯାତ୍ରା ଦିନ ଭକ୍ତଙ୍କ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଜଳସେଚନ ବିଭାଗର ଏକ କେନାଲ ବନ୍ଧ ବାଇପାସ ରାସ୍ତାକୁ ମରାମତି କରିବାର ଆବଶ୍ୟକତା ରହିଛି। ଏହାଛଡ଼ା ଯାତ୍ରା ଦିନ ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ଓ ପ୍ରଶାସନର ସହଯୋଗ ଏବଂ ଭକ୍ତଙ୍କ ଭିଡ଼ ଆୟତ କରିବା ପାଇଁ ପୁଲିସ ଫୋର୍ସର ବ୍ୟବସ୍ଥାର ଆବଶ୍ୟକତା ମଧ୍ୟ ରହିଛି। ଏଥିପାଇଁ ଟ୍ରଷ୍ଟ ବୋର୍ଡ଼ ପକ୍ଷରୁ ଖୁବ୍ ଶୀଘ୍ର ପ୍ରଶାସନିକସ୍ତରରେ ଏକ ପ୍ରସ୍ତୁତି ବୈଠକ କରାଯିବା ପାଇଁ ବ୍ୟବସ୍ଥା ମଧ୍ୟ ହୋଇଛି।

# ରଜ ପାଇଁ ଚଳଚଞ୍ଚଳ ପୁରପଲ୍ଲୀ

## ଆଜିଠୁ ଜଲ୍ଲାରପୁର ରଜ ମହୋତ୍ସବ

ନିଆଳି, ୧୩।୬(ସମିସ)

ଓଡ଼ିଆ ପରମ୍ପରା ଭାଇଚାରାର ପର୍ବ ରଜ ଅବସରରେ ନିଆଳି ବ୍ଲକ ଅନ୍ତର୍ଗତ ଜଲ୍ଲାରପୁର ପଞ୍ଚାୟତରେ ତିନିଦିନିଆ ରଜ ମହୋତ୍ସବ ପାଳନ ପାଇଁ ସମସ୍ତ ଚୂଡ଼ାନ୍ତ ପ୍ରସ୍ତୁତି ଶେଷ ହୋଇଛି। ତିନିଦିନିଆ ଏହି ମହୋତ୍ସବରେ ରଜ ଦୋଳି, ରଜ ପିଠା, ରଜ ପାନ, ମେହେନ୍ଦି ଓ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସେହିପରି ଦ୍ୱିତୀୟ ଦିନ ରଜ ମହୋତ୍ସବରେ ତାସ ଖେଳ ଓ ପୁଚି ପ୍ରତିଯୋଗିତା ଆୟୋଜନ କରାଯାଇଥିବା ବେଳେ ଶେଷ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଏହି ମହୋତ୍ସବର ଉଦ୍‌ଯାପନ କରାଯିବ ବୋଲି ଜଲ୍ଲାରପୁର ରଜ ମହୋତ୍ସବ କମିଟିର ଆବାହକ ରାଜେନ୍ଦ୍ର ପ୍ରସାଦ ପଣ୍ଡା ଜଣାଇଛନ୍ତି। ସେହିପରି ଗୁରୁବାର ସଜବାଜର ଦିନ ହୋଇଥିବା ବେଳେ ବିଶେଷକରି କୁଆଁରି ଝିଅମାନେ ହାତରେ ମେହେନ୍ଦୀ, ନଖରେ ନଖପାଲିସି, ପାଦରେ ଅଳତା, ମୁଣ୍ଡରେ ଟିପା ଲଗାଇ ପହିଲି ରଜ ପାଇଁ ସଜବାଜ ହେଉଥିବା ଦେଖିବାକୁ ମିଳିଛି। ଭଉଣୀ ପାଇଁ ତା ଭାଇ ଗାଁ ତୋଟାରେ ରଜ ଦୋଳି ବାନ୍ଧିଛି। ରଜ ପାଇଁ ନିଆଳି ବଜାର ଚଳଚଞ୍ଚଳ ହୋଇଥିବା ବେଳେ ପୋଷାକ ଦୋକାନ, ଷ୍ଟେସନାରୀ ଦୋକାନ, ଫଳ ଦୋକାନ ଓ ସଉଦା ଦୋକାନରେ ଭିଡ଼ ପରିଲକ୍ଷିତ ହୋଇଛି। ବିଭିନ୍ନ ସ୍ଥାନରେ ରଜ ପାନ ଦୋକାନ ଖୋଲିଛି।

## ବସ୍ତି ପିଲାଙ୍କ ସହ ରଜ ପାଳିଲା ହିନ୍ଦୁସ୍ତାନ ହେଲପିଂ ହ୍ୟାଣ୍ଡସ





**ଫୁଲନଖରା, ୧୩।୬(ସମିସ):** ଓଡ଼ିଶାର ଗଣପର୍ବ ରଜ ଉପଲକ୍ଷେ ସଦର ମାଟିର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହିନ୍ଦୁସ୍ତାନ ହେଲପିଂ ହ୍ୟାଣ୍ଡସ୍‌ର କର୍ମକର୍ତ୍ତାମାନେ କଟକ ପୋପରଡାସ୍ଥିତ ବସ୍ତିବାସିନ୍ଦାଙ୍କ ସହ ପାଳିଲେ ରଜ। ରଜ ସଜବାଜରେ ବସ୍ତିବାସିନ୍ଦାଙ୍କ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ କୁନି କୁନି ପିଲାମାନଙ୍କ ପାଇଁ ନୂତନ ପୋଷାକ ସହ ସଜ ହେବା ପାଇଁ ପ୍ରସାଧାନ ସାମଗ୍ରୀ ଅନୁଷ୍ଠାନ ତରଫରୁ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ସଭାପତି ମାନସ ରଞ୍ଜନ ନାୟକଙ୍କ କହିବା ଅନୁସାରେ ବସ୍ତିରେ ରହୁଥିବା ପିଲାମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ସେମାନଙ୍କ ଭିତରେ ବିଭିନ୍ନ ନୃତ୍ୟ, ଗୀତ ଆଦି ପ୍ରତିଯୋଗିତା କରାଯାଇଥିଲା। ପୋଡ ପିଠା ଠାରୁ ଆରମ୍ଭ କରି ମଣ୍ଡା ପିଠା ଆଦି ପିଲାମାନଙ୍କୁ ବଣ୍ଟନ କରାଯାଇଥିଲା। ରଜଦୋଳି ଲଗାଯିବା ସହ ପିଲାମାନେ ନୂତନ ବସ୍ତ୍ର ପରିଧାନ କରି ଆନନ୍ଦରେ ବିଭୋର ହୋଇପଡ଼ିଥିଲେ। ପିଲାମାନଙ୍କ ଖୁସିରେ ପିତାମାତା ମାନେ ମଧ୍ୟ ବହୁତ ଆନନ୍ଦ ଅନୁଭବ କରିଥିଲେ। ଅନୁଷ୍ଠାନର ମହିଳା ସଦସ୍ୟା ପ୍ରମିଳା, ରୁପଶ୍ରୀ, ମାଳବିକା, ମଧୁସ୍ମିତା, ଚିନୁ, ମନିଶା, ଅନିଶା ଓ ନମିତା ବସ୍ତିର ପିଲାମାନଙ୍କୁ ରଜସଜ କରାଇ ଦେଇଥିଲେ। ବସ୍ତିରେ ଦୁଇଜଣ ସ୍ୱେଚ୍ଛାକୃତ ଶିକ୍ଷୟିତ୍ରୀଙ୍କୁ ମଧ୍ୟ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତ ବର୍ଷ ଅନୁଷ୍ଠାନର ସହଯୋଗରେ ନିଆରା ଢ଼ଙ୍ଗରେ ବସ୍ତିର ପିଲାମାନେ ରଜ ପର୍ବ ପାଳନ କରିଥିବାରୁ ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ଖୁସି ପ୍ରକଟ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରଭାସ ମଙ୍ଗରାଜ, ରଶ୍ମିରଂଜନ ନାୟକ ଓ ସୁମନ୍ତ ସାହୁ ପରିଚାଳନା କରିଥିଲେ।

# ଭୁବନେଶ୍ୱର ସିଟି







## ଶିଶୁକନ୍ୟାଙ୍କୁ ଚେଙ୍କ ଘଟଣା; ଜେଲ୍ ଗଲେ ମହିଳା

### ନିର୍ଦ୍ଦୋଷରେ ଜେଲ୍ ଗଲା ଦୁଇବର୍ଷର ଝିଅ

ଭୁବନେଶ୍ୱର, ୧୩।୬ (ସମିସ)



ଶିଶୁ କନ୍ୟାଙ୍କୁ ଚେଙ୍କ ଦେଇ ନିର୍ଯାତନା ଦେଇଥିବା ଘଟଣାରେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ମୈତ୍ରୀ ବିହାର ଥାନା ପୁଲିସ । ଗିରଫ ମହିଳା ହେଉଛନ୍ତି ଗଜପତି ନଗର ଅଞ୍ଚଳର ଲିପିକା ରଞ୍ଜନ ସାହୁ (୪୨) । ଅପରପକ୍ଷେ ଲିପିକାଙ୍କ ଏକ ଦୁଇବର୍ଷର କନ୍ୟାସନ୍ତାନ ଥିବାରୁ ତାକୁ ମଧ୍ୟ ନିର୍ଦ୍ଦୋଷରେ ଜେଲ୍ ଯିବାକୁ ପଡ଼ିଛି । ପୁଲିସ ସୂଚନା ଅନୁସାରେ, ଗଜପତି ନଗର ନ୍ୟୁ ସରକାରୀ କଲୋନୀରେ ରହୁଥିବା ଲିପିକା ସେ ଗତ ୧୦ ମାସ ତଳେ ଜଣେ ନାବାଳିକା ଶିଶୁକନ୍ୟାଙ୍କୁ ନିଜ ଘର କାମ କରିବା ଲାଗି ନିୟୋଜିତ କରିଥିଲେ । ତିନି/ଚାରି ଦିନ ତଳେ ସେ କୌଣସି ଏକ କାରଣକୁ ନେଇ ଉକ୍ତ ନାବାଳିକା କନ୍ୟାଙ୍କୁ ମାଡ଼ ମାରିବା ସହିତ ପ୍ରେସରକୁକର୍‌ରେ ମରଣାନ୍ତକ ଆକ୍ରମଣ କରିଥିଲେ । ଫଳରେ କନ୍ୟାଙ୍କ ଶରୀରର ଏକାଧିକ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା । ରୁଚିକା ସାମାଜିକ ସେବା ସଂସ୍ଥା ଦ୍ୱାରା ଆହତ ନାବାଳିକା କନ୍ୟାଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ୍ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ଏହାକୁ କେନ୍ଦ୍ରକରି ମୈତ୍ରୀ ବିହାର ଥାନା ପୁଲିସ ମାମଲା ରୁଜୁକରିବା ସହ ଲିପିକାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

■ ଥାନାରେ ମାମଲା ରୁଜୁର ଭୟ

## ପୁଣି ୬ ଲକ୍ଷ ଠକିନେଲେ ସାଇବର୍ ଠକ

ଭୁବନେଶ୍ୱର, ୧୩।୬(ସମିସ)

ପୁଲିସ ଡାଳେ ଡାଳେ ଗଲେ ଚୋର ପତ୍ରେ ପତ୍ରେ ଯାଉଛନ୍ତି । ଏବେ ସାଇବର୍ ଠକ ପୁଲିସକୁ ମୋହରା କରି ଲୁଟୁଛନ୍ତି । ଲୋକଙ୍କୁ ମେସେଜ୍ ଏବଂ ଫୋନ୍ କରି ଏକ ନିର୍ଦ୍ଦିଷ୍ଟ ଥାନା ନାମ ନେଇ ଥାନା ଅଧିକାରୀ କହୁଥିବା କହୁଛନ୍ତି । ତୁମ ନାଁରେ ମାମଲା ରୁଜୁ ହୋଇଛି, ତଦନ୍ତ ପାଇଁ ତୁରନ୍ତ ଥାନାକୁ ଆସି ଦେଖାକର ବୋଲି କହୁଛନ୍ତି । ଏଭଳି କଥା ଶୁଣି ଅନେକ ଲୋକ ଭୟଭୀତ ହୋଇ ଉକ୍ତ ବ୍ୟକ୍ତିଙ୍କ ନିକଟରେ କାକୁତି ମିନତି ହେଉଛନ୍ତି । କ'ଣ କଲେ ମାମଲା ଉଠିଯିବ ବୋଲି ପଚାରିବାରୁ ଏହାର ଫାଇଦା ନେଇ ସାଇବର୍ ଠକ ଟଙ୍କା ମାଗୁଛନ୍ତି । ଏଭଳି ଢଙ୍ଗରେ ସାଇବର୍ ଲୁଟେରା ଠକୁଥିବା ନେଇ ପଦାକୁ ଆସିଛି । ଏହିଭଳି ଜଣେ ବ୍ୟକ୍ତି ୬ ଲକ୍ଷ ଟଙ୍କାର ଠକାମିର ଶିକାର ହୋଇଛନ୍ତି । ସାଇବର୍ ଠକ ଏକ ଥାନା ଅଧିକାରୀଙ୍କ ନାମରେ ଫୋନ୍ କରିଥିଲେ । ଏପରିକି ତୁମ ନାମରେ ମାମଲା ରୁଜୁ ହୋଇଛି, ଥାନାକୁ ଆସ ଦେଖାକର ବୋଲି କହିଥିଲେ । ଏଥିରେ ବ୍ୟକ୍ତି ଜଣଙ୍କ ଭୟଭୀତ ହୋଇ ଯାଇଥିଲେ । କ'ଣ କଲେ ମାମଲା କଟିଯିବ ବୋଲି ପଚାରିବାରୁ ସାଇବର୍ ଠକ ତାଙ୍କୁ ବିଭିନ୍ନ ଆଳରେ ୬ଲକ୍ଷ ଟଙ୍କା ଠକି ନେଇଥିଲେ । ବ୍ୟକ୍ତି ଜଣଙ୍କ ଶେଷରେ ଥାନାକୁ ଯାଇ ବୁଝିବା ପରେ ସେଭଳି କିଛି ଫୋନ୍ ଥାନା ଇନ୍ସପେକ୍ଟର କରି ନ ଥିବା କହିବା ପରେ ଯୁବକ ଜଣଙ୍କ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ । ଏନେଇ ସେ ସାଇବର୍ ଥାନାର ଦ୍ୱାରସ୍ଥ ହୋଇଥିଲେ ।

# ପୁଲିସ ପଞ୍ଝାରେ ହାଇୱେ ଲୁଟେରା

ଭୁବନେଶ୍ୱର, ୧୩।୬(ସମିସ)




ଲୁଟେରାଙ୍କ କରିଡର୍‌ରେ ଥିଲା ଜାତୀୟ ରାଜପଥ । ଭୁବନେଶ୍ୱରରୁ ଭଦ୍ରକ, ଭୁବନେଶ୍ୱରରୁ ଅନୁଗୋଳ, ଭୁବନେଶ୍ୱରରୁ ବ୍ରହ୍ମପୁର, ଭୁବନେଶ୍ୱରରୁ ପୁରୀ ଯାଏଁ ପଡ଼ିଥିବା ଜାତୀୟ ରାଜପଥରେ ରାଜୁତି କରୁଥିଲେ ଲୁଟେରା । ଦାମୀ ବାଇକରେ ଦ୍ରୁତଗତିରେ ଆସୁଥିଲେ, ସୁନାଚେନ୍ ଛିନ୍‌ତାଇ କରି ପଳାଉଥିଲେ । ସୁନାଚେନ୍‌କୁ ବନ୍ଧକ ରଖି ଆଣୁଥିବା ଟଙ୍କାରେ ଦାମୀ ଡ୍ରେସ୍ ପିନ୍ଧିବା ରିଲ୍ସ କରୁଥିଲେ । ଗୁରୁବାର 'ଏଏ'ବା ଆୟାଜ-ଆୟୁଷ୍ମାନଙ୍କ ସମେତ ଗ୍ୟାଙ୍ଗର ୫ଜଣ ସଦସ୍ୟଙ୍କୁ ଗିରଫ କରିଛି କମିସନରେଟ୍ ପୁଲିସ । ଗିରଫ ଅଭିଯୁକ୍ତମାନେ ହେଲେ ଜଟଣୀର ଆୟାଜ ମହମ୍ମଦ (୨୦), ଆୟୁଷ୍ମାନ ତ୍ରିପାଠୀ(୨୭), ଦେବାଶିଷ ବାରିକ ଓରଫ ଦେବୁ (୧୯), ଶିବପ୍ରସାଦ ବାରିକ ଓରଫ ରାଜା(୨୩), ପୁରୀର ରଜତ କୁମାର ନନ୍ଦ ଓରଫ ରିଙ୍କୁ (୨୫) । ସେମାନଙ୍କ ଠାରୁ ୪୦୦ ଗ୍ରାମ୍‌ର ସୁନା (୪୦ଟି ସୁନାଚେନ୍), ନଗଦ ୨ ଲକ୍ଷ ଟଙ୍କା, ୪ଟି ସ୍ପିଡ୍ ବାଇକ ଓ ୫ଟି ମୋବାଇଲ ଫୋନ୍ ଜବତ ହୋଇଛି । ସେମାନଙ୍କ ନାଁରେ ବିଭିନ୍ନ ଥାନାରେ ୨୪ଟି ମାମଲା ରହିଛି । ନୂଆପଲ୍ଲୀରେ ୬ଟି, ଭରତପୁର ୫ଟି, ସହିଦନଗର ୪ଟି, ମଞ୍ଚେଶ୍ୱର, ଖଣ୍ଡଗିରି ଓ ପାହାଳ ଥାନାରେ ୩ଟି ଲେଖାଏଁ ମାମଲା ରହିଛି । ଏହି ୪ମାସ ଭିତରେ ଆଉ କେଉଁ ମାମଲାରେ ସମ୍ପୃକ୍ତି ରହିଛି, ସେଦିଗରେ ତଦନ୍ତ କରୁଛି ପୁଲିସ ।

ବିଭିନ୍ନ ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥରେ ଲୁଟ୍ କରିଥିବାରୁ ବିଭିନ୍ନ ଥାନାରେ ଅଭିଯୁକ୍ତଙ୍କ ଥାନାରେ ମାମଲା ରହିଛି । ତେଣୁ ସମସ୍ତ ଜିଲ୍ଲାର ପୁଲିସଙ୍କୁ ଅବଗତ କରାଯାଇଛି । ଅଭିଯୁକ୍ତ ରିମାଣ୍ଡରେ ଆଣିଯିବା ପଚରାଉଚରା କରାଯିବ ବୋଲି ପୁଲିସ କମିସନର୍ ସଞ୍ଜିବ ପଣ୍ଡା ସୂଚନା ଦେଇଛନ୍ତି ।

### ରାଜପଥରୁ ଲୁଟି ନମ୍ବର ପ୍ଲେଟ୍ ବଦଳାଉଥିଲେ

ଜଟଣୀ ରହି ପୂରା ଗ୍ୟାଙ୍ଗ୍ ଅପରେଟ୍ କରିବା ସହ ଜାତୀୟ ରାଜପଥରେ ଲୁଟୁଥିଲେ । ଭୁବନେଶ୍ୱର ସମେତ ଖୋର୍ଦ୍ଧା, ବ୍ରହ୍ମପୁର, କଟକ, ଭଦ୍ରକ, ଅନୁଗୋଳ, ପୁରୀ ଓ ଗଞ୍ଜାମକୁ ଲମ୍ବିଥିବା ଜାତୀୟ ସକ୍ରିୟ ରହିଥିଲେ । ବାଇକ କିମ୍ବା ଚାଲି ଚାଲି ଯାଉଥିବା ମହିଳା ଓ ପୁରୁଷଙ୍କ ଠାରୁ ଜାତୀୟ ରାଜପଥରୁ ସୁନାଚେନ୍ ଲୁଟୁଥିଲେ । ସିସିଟିଭି ନଜରରେ ଖସିବାକୁ ବାଇକରେ ନକଲି ନମ୍ବର ପ୍ଲେଟ୍, ମୁଣ୍ଡରେ ହେଲମେଟ୍, ଫୁଲ୍‌ଡ୍ରେସ୍ ପିନ୍ଧୁଥିଲେ । ଗୋଟିଏ ଗାଡିରେ ଦୁଇଥର ଛିନ୍‌ତାଇ କରିବା ପରେ ଗାଡ଼ିକୁ ବଦଳାଇବା ସହ ନମ୍ବର ପ୍ଲେଟ୍ ବଦଳାଉଥିଲା । ଦିନ ୧୨ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଜାତୀୟ ରାଜପଥ ସହ ସହରର ମୁଖ୍ୟରାସ୍ତାରେ ସୁନାଚେନ୍ ଲୁଟ୍‌ପାଟ୍ କରୁଥିଲେ । କିଛିଦିନ ଭିତରେ ଜାତୀୟ ରାଜପଥରେ ୨୦ରୁ ଅଧିକ ସୁନାଚେନ୍ ଛିନ୍‌ତାଇ ମାମଲା ରୁଜୁ ହୋଇଥିଲା । ଚଳନ୍ତା ବାଇକରୁ ସୁନାଚେନ୍ ଝାମ୍ପିବାରୁ ଖସିପଡ଼ି ମହିଳା ଗୁରୁତର ଆହତ ହୋଇଥିଲେ । ଏତେ ମାମଲା ରୁଜୁହେବା ପରେ ନୂଆପଲ୍ଲୀ ଥାନା ଓ ସ୍ପେଶାଲ ସ୍କ୍ୱାଡ୍ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭିରେ ଲୁଟେରା ଗତିବିଧି ନଜର ରଖିବା ସହ ଚିହ୍ନଟ କରାଯାଇଥିଲା । ପରେ ଗ୍ୟାଙ୍ଗ୍‌ର ସଦସ୍ୟଙ୍କୁ ପିଛା କରି ରାଉରକେଲା ଓ ଜଟଣୀରୁ ଗିରଫ କରାଯାଇଥିଲା ।

**ଆୟାଜ-ଆୟୁଷ୍ମାନ ଗ୍ୟାଙ୍ଗ୍‌ର ୫ ଗିରଫ**

**୪୦ ସୁନାଚେନ୍, ୨ ଲକ୍ଷ ଟଙ୍କା ଓ ୪ ବାଇକ୍ ଜବତ**

**କରିଡର୍‌ରେ ଥିଲା ୮ ଜିଲ୍ଲାର ଜାତୀୟ ରାଜପଥ**

**୨୪ ମାମଲାରେ ସମ୍ପୃକ୍ତି; ରିମାଣ୍ଡରେ ଆସିବେ ଅଭିଯୁକ୍ତ**

### ଜେଲ୍ ସମ୍ପର୍କରୁ ଗଢ଼ିଥିଲେ ଗ୍ୟାଙ୍ଗ୍

୨୦୨୨ ମସିହାରେ ସୁନାଚେନ୍ ଛିନ୍‌ତାଇ ମାମଲାରେ ଗ୍ୟାଙ୍ଗ୍ ମୁଖିଆ ଆୟୁଷ୍ମାନକୁ ଖଣ୍ଡଗିରି ଥାନା ପୁଲିସ ଗିରଫ କରିଥିବା ବେଳେ ୨୦୨୩ ମସିହାରେ ମୋବାଇଲ ଛିନ୍‌ତାଇ ମାମଲାରେ ଅନ୍ୟତମ ଅଭିଯୁକ୍ତ ଆୟାଜକୁ ଜଟଣୀ ଥାନା ପୁଲିସ ଗିରଫ କରିଥିଲା । ଦୁଇଜଣ ଝାରପଡ଼ା ଜେଲରେ ରହିଥିବା ବେଳେ ସେଠାରେ ଭେଟ୍‌ଘାଟ ହୋଇ ଗ୍ୟାଙ୍ଗ୍ ଗଢ଼ିବାକୁ ଯୋଜନା କରିଥିଲା । ୨୦୨୩ ମସିହା ଶେଷ ବେଳକୁ ଉଭୟ ଜାମିନ୍‌ରେ ମୁକୁଳିଥିଲେ । ଜାମିନ୍‌ରେ ଆସିବା ପରେ କିଛି ଯୁବପିଢ଼ିଙ୍କୁ ନେଇ ଗ୍ୟାଙ୍ଗ୍ ଗଢ଼ି ଲୁଟ୍‌ପାଟ୍ କରୁଥିଲେ । ଗତ ୪ମାସ ହେବ ଭୁବନେଶ୍ୱରରେ ସକ୍ରିୟ ରହି ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକ ବି ଲୁଟ୍ କରି ଆତଙ୍କ ଖେଳାଉଥିଲେ ।

### ଲୁଟ୍ ଟଙ୍କାରେ ପ୍ରେମିକାକୁ ଉପହାର

ସୁନାଚେନ୍ ଲୁଟିବା ପରେ ବଣିଆ କିମ୍ବା ସୁନାଦୋକାନୀଙ୍କୁ ବିକ୍ରି କରୁଥିଲେ । ନିଜର ସୁନାଚେନ୍ ଦର୍ଶାଇବା ସହ ଅସୁବିଧା ଥିବାରୁ ବିକ୍ରି କରୁଥିବା କଥା କହୁଥିଲେ । ସୁନା ବିକ୍ରି କରିବା ପରେ ସେଇ ଟଙ୍କାକୁ ସମାନ୍ ଭାବେ ଭାଗବଣ୍ଟା କରୁଥିଲେ । ପ୍ରେମିକାଙ୍କ ପିଛା ଟଙ୍କା ଉଡାଉଥିଲେ । ପ୍ରେମିକାକୁ ଦାମୀ ଉପହାର ଦେଉଥିଲେ । ମଝିରେ ମଝିରେ ଫ୍ଲାଇଟ୍‌ରେ ବାହାରକୁ ଯାଇ ତାରକା ହୋଟେଲ୍‌ରେ ରହୁଥିଲେ । ଗୋଆ, ମୁମ୍ବାଇକୁ ଯାଇ ସେଠାରେ ଥିବା ବାର୍‌ରେ ଯୁବତୀଙ୍କ ପିଛା ଟଙ୍କା ଉଡାଉଥିଲେ । ଦାମୀ ମଦ ନିଶାରେ ବୁଡ଼ି ରହିବା ସହ ଅନେକ ଯୁବତୀଙ୍କ ସହ ସମ୍ପର୍କ ରଖୁଥିଲେ ।

**ରିଲ୍ସ ଦୁନିଆର ନାୟକ**



ରିଲ୍ସ ଦୁନିଆରେ ଥିଲେ ଏମାନେ ଥିଲେ ଜଣେ ଜଣେ ହିରୋ । ସୁନାଚେନ୍‌କୁ ଲୁଟିବା ପରେ ବିକ୍ରି କରୁଥିଲେ । ସେହି ଟଙ୍କାରେ ଦାମୀ ଡ୍ରେସ୍, ଜୋତା, ବାଇକ କିଣୁଥିଲେ । ଇନ୍‌ଷ୍ଟାଗ୍ରାମ୍, ଫେସ୍‌ବୁକ୍‌ରେ ସକ୍ରିୟ ରହି ନୂଆ ନୂଆ ପୋଜ୍‌ରେ ଫଟୋ ଓ ଭିଡିଓ ଉଠାଉଥିଲେ । ବେକରେ ମାଳ ମାଳ ଚୋରି ସୁନାଚେନ୍ ପକାଉଥିଲେ । ଲୁଟେରାଙ୍କ ବେଶଭୂଷା ଦେଖି ସମ୍ଭ୍ରାନ୍ତ ଘରର ପିଲା ବୋଲି ନିଜକୁ ଦର୍ଶାଉଥିଲେ । ସେମାନଙ୍କ ବି ଭଲ ଫଲୋର୍ସ ରହିଥିଲେ । କିନ୍ତୁ ଛିନ୍‌ତାଇ କରୁଥିବା ସୁନାଚେନ୍‌କୁ ବିକ୍ରିକରି ମଉଜ କରୁଥିବା ନାଟକ ପଦାକୁ ଆସିବା ପରେ ହିରୋକୁ ଏମାନେ ଲୁଟେରା ପାଲଟି ଯାଇଥିଲେ ।

**ଡିପ୍ଲୋମା ଛାତ୍ରଙ୍କୁ ହତ୍ୟା ଘଟଣା**

## ନିଶା ପାଇଁ ଚାଲିଗଲା ସାଙ୍ଗର ଜୀବନ

ଭୁବନେଶ୍ୱର, ୧୩।୬ (ସମିସ): ଚୁଡ଼ଙ୍ଗଗଡ଼ ଜଙ୍ଗଲରେ ଡିପ୍ଲୋମା ଛାତ୍ର ସୁଶାନ୍ତ ଟୁଡୁ ହତ୍ୟା ଘଟଣାରେ ଆଗେଇଛି ପୁଲିସର ତଦନ୍ତ । ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହ ଗୁରୁବାର ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି ଚନ୍ଦକା ଥାନା ପୁଲିସ । ଅଟକ ଦୁଇ ସାଙ୍ଗ ମୋହନ ଓ ରାଜେନ୍ଦ୍ରକୁ ପଚରାଉଚରା କରୁଛି ପୁଲିସ । ବାରଙ୍ଗ ଥାନା ଆଦିବାସୀ ସାହିର ସୁଶାନ୍ତ ଟୁଡୁ ଚନ୍ଦକାସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ମେକାନିକାଲ୍ ବିଭାଗରେ ଡିପ୍ଲୋମା ପଢୁଥିଲେ । ସେ କିଛିଦିନ ହେଲା ନିଜ ଗାଁ ବାରଙ୍ଗ ଆଦିବାସୀ ବସ୍ତିକୁ ଯାଇଥିଲେ । ମଙ୍ଗଳବାର ଆଦିବାସୀ ବସ୍ତିର ମୋହନ ମାରାଣ୍ଡି, ରାଜେନ୍ଦ୍ର ହାଁସଦା ଓ ସୁଶାନ୍ତ ମିଶି ଚୁଡ଼ଙ୍ଗଗଡ଼ ଆସିଥିଲେ । ସେଠାରେ ମଦ୍ୟପାନ କରି ଘରକୁ ଫେରୁଥିବା ସମୟରେ ସୁଶାନ୍ତଙ୍କ ଗାଡ଼ିରୁ ତେଲ ସରି ଯାଇଥିଲା । ଏହାକୁ ନେଇ ରାଜେନ୍ଦ୍ର ଓ ସୁଶାନ୍ତଙ୍କ ମଧ୍ୟରେ ଠେଲାପେଲା ହୋଇଥିଲେ । ସମୟକ୍ରମେ ବିବାଦ ଉଗ୍ରରୂପ ନେଇଥିଲା । ଏହାପରେ ରାଜେନ୍ଦ୍ର ଓ ମୋହନ ମିଶି ସୁଶାନ୍ତଙ୍କୁ ହତ୍ୟା କରିବା ପରେ ତାଙ୍କ ମୃତଦେହକୁ ଏକ ବୁଦା ଭିତରକୁ ଘୋଷାରି ନେଇଥିଲେ । ଅନ୍ୟ ଜଣେ ସାଙ୍ଗକୁ ଡକାଇ ତାଙ୍କ ଗାଡ଼ିରେ ପୁଣି ବାରଙ୍ଗ ଫେରି ଯାଇଥିଲେ । ସୁଶାନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ବାରଙ୍ଗ ଥାନାରେ ନିଖୋଜ ନେଇ ଅଭିଯୋଗ କରିଥିଲେ । ବୁଧବାର ବୁଦା ଭିତରେ ମୃତଦେହ ପଡ଼ିଥିବା ଦେଖିବା ପରେ ସ୍ଥାନୀୟ ଲୋକଙ୍କ ଠାରୁ ଖବରପାଇ ଚନ୍ଦକା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ଖବରପାଇ ସୁଶାନ୍ତଙ୍କ ପରିବାର ଲୋକେ ପହଞ୍ଚି ମୃତଦେହକୁ ଚିହ୍ନଟ କରିଥିଲେ । ମଙ୍ଗଳବାର ରାତିସାରା ମୃତଦେହକୁ ପୁଲିସ ଜଗି ରହିଥିଲା । ଗୁରୁବାର ସକାଳୁ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ନେଇ ତଦନ୍ତ ଆରମ୍ଭ କରିଥିଲା । ମୃତଦେହକୁ ଉଦ୍ଧାର କରିବା ସହିତ ବ୍ୟବଚ୍ଛେଦ ଲାଗି ପଠାଇଥିଲା । ସୁଶାନ୍ତଙ୍କ ବେକରୁ ଗାମୁଛା ଜବତ କରାଯାଇଥିବାରୁ ବେକକୁ ଗାମୁଛାରେ ଚାପି ହତ୍ୟା କରାଯାଇଥିବା ନେଇ ସନ୍ଦେହ କରାଯାଉଛି । ଏଥିସହିତ ଘଟଣାସ୍ଥଳରେ ଘୋଷାରି ନେବା ଭଳି ଚିହ୍ନ ରହିଥିବାରୁ ସୁଶାନ୍ତଙ୍କୁ ହତ୍ୟା କରିବା ପରେ ଘୋଷାରି ନିଆଯାଇଥିବା ପୁଲିସ ସନ୍ଦେହ କରୁଛି । ଏନେଇ ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ କହିଛନ୍ତି, ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ଚନ୍ଦକା ଥାନାରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି । ଘଟଣା ଦିନ ସୁଶାନ୍ତଙ୍କ ସହିତ ଥିବା ଦୁଇ ସାଙ୍ଗକୁ ଅଟକ ରଖି ପଚରାଉଚୁରା ଜାରିରହିଛି । ବିଭିନ୍ନ ଦିଗକୁ ନେଇ ପୁଲିସ ତଦନ୍ତ କରୁଛି ଓ ଖୁବଶୀଘ୍ର ଘଟଣା ଉପରୁ ପରଦା ହଟିବ ବୋଲି ସେ କହିଛନ୍ତି ।





# ପଳାଶୁଣି ଛକରେ ସିରିଜ୍ ଦୁର୍ଘଟଣା

ଭୁବନେଶ୍ୱର/ହଂସପାଳ, ୧୩।୬(ସମିସ)

ମଞ୍ଚେଶ୍ୱର ଥାନା ପଳାଶୁଣି ଛକରେ ପୁଣି ଥରେ ସିରିଜ ଦୁର୍ଘଟଣା ଘଟିଛି । ଏକ ଦ୍ରୁତଗାମୀ ଟ୍ରକ୍ ୪ରୁ ଅଧିକ କାର୍ ଓ ୨ଟି ବାଇକ୍‌କୁ ଧକ୍କା ଦେଇଛି । ଫଳରେ କାର୍ ଭିତରେ ବସିଥିବା ୪ ଯାତ୍ରୀ ଏବଂ ବାଇକ୍‌ରେ ଥିବା ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ସେମାନଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । କିଛି ସମୟ ମଧ୍ୟରେ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରୋକ୍ କରିଥିଲେ । ଫଳରେ ହଜାର ହଜାର ଗାଡ଼ି ମଟର ଦୀର୍ଘ ୩ ଘଣ୍ଟା ଧରି ପଳାଶୁଣିରୁ ସତ୍‌ସଙ୍ଗ୍ ବିହାର ପର୍ଯ୍ୟନ୍ତ ଜାତୀୟ ରାଜପଥରେ ଅଟକି ରହିଥିଲା । ଖବର ପାଇ ମଞ୍ଚେଶ୍ୱର ଥାନା ଅଧିକାରୀ ଏବଂ ଟ୍ରାଫିକ୍ ଏସିପି ପହଞ୍ଚି ପ୍ରଥମେ ରାସ୍ତାରୋକ୍ କରିଥିବା ଲୋକଙ୍କୁ ବୁଝୁସୁଝା କରିଥିଲେ । ପରେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିବା ସହ ଡ୍ରାଇଭରକୁ ଗିରଫ କରିଥିଲା ପୁଲିସ । ଟ୍ରକ୍ ପିଟିଥିବା ୪ଟି କାର୍‌କୁ ମଧ୍ୟ ଥାନାକୁ ନେଇଥିଲା ପୁଲିସ ।

ସୂଚନା ଅନୁସାରେ, ଗୁରୁବାର ଅପରାହ୍ଣରେ ଦ୍ରୁତଗତିରେ କଟକ ଅଭିମୁଖେ ଯାଉଥବା ଗୋଟିଏ ପଥର ବୋଝେଇ ଟ୍ରକ୍ ଫ୍ଲାଏଓଭର୍ ନିକଟରେ ନିୟନ୍ତ୍ରଣ ହରାଇଥିଲା । ଫଳରେ ଆଗରେ ଯାଉଥିବା ଏକ କାର୍‌କୁ ଟ୍ରକ୍‌ଟି ଧକ୍କା ଦେଇଥିଲା । ଫଳରେ ଆଗରେ ଯାଉଥିବା ଆଉ ୩ଟି କାର୍ ଏବଂ ଦୁଇଟି ବାଇକ୍‌କୁ ଧକ୍କା ଦେଇଥିଲା । ଦୁର୍ଘଟଣା ଘଟାଇବା ପରେ ଟ୍ରକ୍ ଡ୍ରାଇଭର ଗାଡ଼ି ନେଇ ଖସି ଯିବାକୁ ଉଦ୍ୟମ କରୁଥିଲେ । କିନ୍ତୁ ସ୍ଥାନୀୟ ଲୋକ ଉକ୍ତ ଟ୍ରକ୍‌କୁ ଅଟକ ରଖିବା ସହ ଗାଡ଼ି ଚାଳକକୁ ଧରି ପୁଲିସର ଜିମା ଦେଇଥିଲେ ।

**୪ କାର୍, ୨ ବାଇକ୍‌କୁ ପିଟିଲା ପଥର ବୋଝେଇ ଟ୍ରକ୍**

**୫ ଆହତ; ୩ ଘଣ୍ଟା ଧରି ଜାତୀୟ ରାଜପଥ ଜାମ୍**

### ଫୁଟ୍ ଓଭରବ୍ରିଜ ନ ଥିବାରୁ ଯାଉଛି ଜୀବନ

ପଳାଶୁଣି ଛକରେ ଫୁଟ୍ ଓଭର୍‌ବ୍ରିଜ୍ ନ ହେବାରୁ ପ୍ରତିଦିନ ଲୋକଙ୍କ ଜୀବନ ଯାଉଛି । ଲୋକମାନେ ରାସ୍ତା ପାରିହେବା ସମୟରେ ଫ୍ଲାଏଓଭରରୁ ଖସୁଥିବା ଗାଡ଼ିଗୁଡ଼ିକ ନିଜର ଭାରସ୍ୟାମ ହରାଇ ଲୋକଙ୍କୁ ଧକ୍କା କରୁଛନ୍ତି । ସେଠାରେ ଫୁଟ୍ ଓଭର୍‌ବ୍ରିଜ୍ କରିବା ପାଇଁ ଦୀର୍ଘଦିନ ହେଲା ଲୋକେ ଦାବି କରିଥିଲେ । କିନ୍ତୁ ଏନ୍‌ଏଚ୍‌ଏଆଇ ଅଧିକାରୀମାନେ ଆସି ଜାଗା ଦେଖି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଫୁଟ୍ ଓଭରବ୍ରିଜ୍ ହୋଇପାରୁନି । ସ୍ଥାନୀୟ ଥାନା ପୁଲିସ ଏବଂ ଅନ୍ୟ ଅଧିକାରୀମାନେ ଏନେଇ ଜଣାଇଥିଲେ ମଧ୍ୟ ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷ ଶୁଣୁ ନ ଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି । ଯେଉଁଥିପାଇଁ ବ୍ରିଜ୍ ଦାବିକରି ଗୁରୁବାର ସ୍ଥାନୀୟ ଲୋକେ ରାସ୍ତାରୋକ୍ କରିଥିଲେ । ଗତ ୬ ମାସରେ ପଳାଶୁଣି ଛକରେ ଦୁର୍ଘଟଣାଘଟି ୧୩ରୁ ଅଧିକ ଲୋକ ଆହତ ହୋଇଥିବା ବେଳେ ୩ ବର୍ଷରେ ୩୮ ଜଣଙ୍କ ଜୀବନ ଯାଇଛି । ବାରମ୍ବାର ସେହି ସ୍ଥାନରେ ଦୁର୍ଘଟଣା ଘଟୁଥିବାରୁ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ପାଇଁ ଦାବି ହେଉଥିଲା । ଏଥିପାଇଁ ସାଂସଦ ପାଣ୍ଠିରୁ ଅର୍ଥ ମଞ୍ଜୁର କରାଯାଇଥିଲା । ହେଲେ ସ୍ଥାନ ନିରୁପଣ ହୋଇପାରୁ ନ ଥିବାରୁ ଫୁଟ୍ ଓଭର୍‌ବ୍ରିଜ୍ ନିର୍ମାଣ ହୋଇପାରୁ ନ ଥିବା ଚର୍ଚ୍ଚା ହେଉଛି ।

### ପୁଣି ଇନୋଭା, ବୋଲେରୋକୁ ଧକ୍କାଦେଲା ହାଇୱା

ଭୁବନେଶ୍ୱର, ୧୩।୬(ସମିସ): ଅପରାହ୍ନରେ ପଳାଶୁଣି ଛକରେ ଏକ ପଥର ବୋଝେଇ ଟ୍ରକ୍ ୪ଟି କାର୍‌କୁ ସିରିଜ୍ ଦୁର୍ଘଟଣା ଘଟାଇବା ପରେ ପୁଣି ପଳାଶୁଣି ଛକ ନିକଟରେ ଓଭର୍‌ବ୍ରିଜ୍ ଉପରେ ଇନୋଭା, ବୋଲେରୋକୁ ଏକ ହାଇୱା ପଛରୁ ଧକ୍କା ଦେଇଥିଲା । ଫଳରେ ଇନୋଭା ଏବଂ ବୋଲେରୋରେ ବସିଥିବା ଦୁଇ ଜଣ ଗାଡ଼ିଚାଳକ ଆହତ ହୋଇଛନ୍ତି । ସେମାନଙ୍କୁ ପୁଲିସ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛି । ପୁଲିସ ହାଇୱା ଏବଂ ଅନ୍ୟ ଦୁଇଟି ଗାଡ଼ିକୁ ଜବତ କରି ତଦନ୍ତ କରୁଛି । ରାତି ସାଢ଼େ ୧୦ଟା ସମୟରେ ଇନୋଭା ଆଗରେ ଯାଉଥିବା ବେଳେ ତା ଆଗରେ ବୋଲେରୋ ଯାଉଥିଲା । ପଛରୁ ଦ୍ରୁତ ଗତିରେ ଆସୁଥିବା ହାଇୱା ଇନୋଭାକୁ ଧକ୍କା ଦେଇ ପରେ ବୋଲେରୋକୁ ଧକ୍କା କରିଥିଲା ।

## ରକ୍ତଦାତା ଦିବସରେ ରକ୍ତଦାନ ଶିବିର

ଭୁବନେଶ୍ୱର, ୧୩।୬(ସମିସ): ଫେଡେରେସନ୍ ଅଫ୍ ବ୍ଲଡ୍ ଡୋନର୍ ଅର୍ଗାନାଇଜେସନ୍ ଅଫ୍ ଓଡ଼ିଶା (ଏଫ୍‌ବିଡିଓଓ) ପକ୍ଷରୁ ବିଶ୍ୱ ରକ୍ତଦାତା ଦିବସ ଉପଲକ୍ଷେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏସ୍‌ବିଆଇ ଲାଇଫ୍ ସହାୟତାରେ ଇନ୍‌ଫୋସିଟିସ୍ଥିତ ଏସ୍‌ବିଆଇ ଲାଇଫ୍ କାର୍ଯ୍ୟାଳୟ ପରିସରରେ ବହୁ ସଂଖ୍ୟାରେ ରକ୍ତଦାତା ପହଞ୍ଚି ରକ୍ତଦାନ କରିଥିଲେ । ଶିବରରେ ମୁଖ୍ୟ ଅତିଥିଭାବେ ମାନବ ସମ୍ବଳ ବିଭାଗ ମୁଖ୍ୟ ଅଭିଜିତ୍ ଶାହା, ଓଡ଼ିଶା ରକ୍ତଦାତା ମହାସଂଘ ପକ୍ଷରୁ ସମ୍ପାଦକ ଅକ୍ଷୟ ରାଉତ, ଡ. ନରେଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ । କ୍ୟାପିଟାଲ ହସ୍ପିଟାଲ୍ ବ୍ଲଡ ସେଣ୍ଟର୍‌ର ନିର୍ଦ୍ଦେଶକ ଡ. ଦେବାଶିଷ ମିଶ୍ର ଓ ତାଙ୍କ ଟିମ୍ ରକ୍ତ ସଂଗ୍ରହ କରିଥିଲେ ।

## ଜର୍ମାନୀରେ ଅନ୍ତର୍ଜାତୀୟ ଅସ୍ଥିଶଲ୍ୟ ଫେଲୋସିପ ପାଇବେ ଡାକ୍ତର ଶକ୍ତି ପ୍ରସାଦ



କଣ୍ଟାପଡା,୧୩।୬(ସମିସ): ଜର୍ମାନୀର ଆଚେନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହେଉଥିବା ଆନ୍ତର୍ଜାତୀୟ ଅସ୍ଥିଶଲ୍ୟ ସଂଘ (ସିକଟ୍)ର ବରିଷ୍ଠ ଫେଲୋସିପ ପାଇଁ ଡାକ୍ତର ଶକ୍ତି ପ୍ରସାଦ ଦାସଙ୍କୁ ମନୋନୀତ କରାଯାଇଛି । ଜୁନ ୧୬ ତାରିଖରୁ ତିନି ସପ୍ତାହ ବ୍ୟାପୀ ଜର୍ମାନୀର ଆଚେନ ବିଶ୍ୱବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଡାକ୍ତର ଦାସ ଉପସ୍ଥିତ ରହି ଭାରତ ଭଳି ବିକାଶଶୀଳ ଦେଶରେ କରାଯାଉଥିବା ଅସ୍ଥିଶଲ୍ୟ ଚିକିତ୍ସା ଉପରେ ବିଶେଷଜ୍ଞଙ୍କୁ ଅବଗତ କରିବେ । ଏହି ଫେଲୋସିପ ପାଇବାରେ ଡାକ୍ତର ଦାସ ହେଉଛନ୍ତି ପ୍ରଥମ ଓଡିଆ ଅସ୍ଥିଶଲ୍ୟ ବିଶେଷଜ୍ଞ । ଡାକ୍ତର ଦାସ କେନ୍ଦ୍ରୀୟ ଅନୁଷ୍ଠାନ ଏସ୍‌ଭି ନିରତାର ସମେତ ଦେଶର ବିଭିନ୍ନ ଅସ୍ଥିଶଲ୍ୟ ଚିକିତ୍ସା ବିଭାଗରେ ସଫଳତାର ସହ କାର୍ଯ୍ୟ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ଆଚେନ ବିଶ୍ୱବିଦ୍ୟାଳୟ ଅସ୍ଥିଶଲ୍ୟ ବିଭାଗ ମୁଖ୍ୟ ଫ୍ରାଙ୍କ ହିଲଡ୍‌ର ଡ୍ୟାନର୍‌ଙ୍କ ଠାରୁ ନିମନ୍ତ୍ରଣ ପାଇ ଡାକ୍ତର ଦାସ ଜୁନ ୧୫ ତାରିଖରେ ଜର୍ମାନ ଯାତ୍ରା କରିବେ ।

# ୮ ବର୍ଷର ରେକର୍ଡ ଭାଙ୍ଗିଲା ସାଇବର ମାମଲା

**ଭୁବନେଶ୍ୱର, ୧୩।୬(ସମିସ):** ରାଜ୍ୟରେ ପ୍ରତିଦିନ ସାଇବର ମାମଲା ବଢ଼ିବାରେ ଲାଗିଛି। ପୁଲିସ ଲୋକଙ୍କୁ ସଚେତନ କଲେ ମଧ୍ୟ ତାହା ଲୋକଙ୍କ ଉପରେ କିଛିବି ପ୍ରଭାବ ପକାଇ ପାରୁନି। ଯାହାକି ପୁଲିସର ତଥ୍ୟରୁ ଜଣାପଡ଼ିଛି। ୨୦୧୫ ମସିହା ତୁଳନାରେ ୨୦୨୩ରେ ୪୯୫ ପ୍ରତିଶତ ସାଇବର ମାମଲା ବଢ଼ିଛି। ବିଶେଷ କରି ୨୦୨୩ରେ ସାଇବର ମାମଲା ବିଗତ ୮ ବର୍ଷର ରେକର୍ଡ ଭାଙ୍ଗିଛି। ୨୦୧୫ରେ ୩୮୫ ଟି ସାଇବର ମାମଲା ରୁଜୁ ହୋଇଥିବା ବେଳେ ୨୦୨୩ରେ ସର୍ବାଧିକ ୨ହଜାର ୫୫୧ ଟି ମାମଲା ହୋଇଛି। ପୁଲିସ ପକ୍ଷରୁ ସାଇବର ରଥ କରାଯାଇ ଲୋକଙ୍କୁ ସଚେତନ କରାଯାଇଥିଲେ ମଧ୍ୟ ଲୋକ ସଚେତନ ହେଉ ନାହାନ୍ତି। କମ୍ ସମୟରେ ଅଧିକ ଟଙ୍କା ରୋଜଗାର ଲୋଭରେ ପଡ଼ି ଲୋକ ଠକାମିର ଶିକାର ହେଉଛନ୍ତି। ତେବେ ଶିକ୍ଷିତ ଲୋକମାନେ ଅଧିକ ସାଇବର ଠକେଇ ଶିକାର ହେବା ଚିନ୍ତାର କାରଣ ହୋଇଛି।



- ୨୦୧୫ ଠାରୁ ୪୯୫ ପ୍ରତିଶତ ବଢ଼ିଛି ସାଇବର ମାମଲା
- ୨୦୨୩ରେ ସର୍ବାଧିକ ୨ହଜାର ୫୫୧ ପାର୍
- ୯ ବର୍ଷରେ ରାଜ୍ୟରେ ୧୨ ହଜାର ୩୭୦ ସାଇବର ମାମଲା
- ମାମଲା ବୃଦ୍ଧିକୁ ନଜରରେ ରଖି ତଦନ୍ତ ଅଧିକାରୀଙ୍କୁ ଦିଆଯିବ ଟ୍ରେନିଂ
- ସାଇବର ଥାନାକୁ ମିଳିବ ସାଇବର ଏକ୍ସପର୍ଟ

ତଥ୍ୟ ଅନୁସାରେ, ୯ ବର୍ଷରେ ୧୨ହଜାର ୩୭୦ ମାମଲା ରୁଜୁ କରାଯାଇଛି। ୨୦୧୬ରେ ୩୧୭ଟି ସାଇବର ମାମଲା ରୁଜୁ କରାଯାଇଥିବା ବେଳେ ୨୦୧୭ରେ ୮୨୪ଟି ସାଇବର ମାମଲା ହୋଇଥିଲା। ସେହିପରି ୨୦୧୮ରେ ୮୬୭ଟି ମାମଲା ହୋଇଥିଲା। ଆହୁରି ମଧ୍ୟ ୨୦୧୯ରେ ୧୪୭୫ଟି ମାମଲା ହୋଇଥିବା ବେଳେ ୨୦୨୦ରେ ୧୯୩୧ଟି ମାମଲା ହୋଇଥିଲା। ୨୦୨୧ରେ ୨ହଜାର ୩୭ଟି ମାମଲା ହୋଇଥିବା ବେଳେ ୨୦୨୨ରେ ୧୯୮୩ ମାମଲା ହୋଇଥିଲା। ସେହିପରି ୨୦୨୩ରେ ୨ହଜାର ୫୫୧ଟି ମାମଲା ହୋଇଛି। ବଡ଼ କଥା ହେଲା ୨୦୧୪ ବର୍ତ୍ତମାନ ସୁଦ୍ଧା ସାଇବର ମାମଲା ୧୫ଶହ ପାର୍ କଲାଣି।

ବଡ଼ କଥା ହେଲା, ସାଇବର ମାମଲା ବଢ଼ି ଚାଲିଥିଲେ ମଧ୍ୟ ସେହି ଅନୁସାରେ ସଜା ହାର ବଢୁନାହିଁ। ସାଇବର ମାମଲାରେ ରାଜ୍ୟ ବାହାରର ଅପରାଧିଙ୍କୁ ଗିରଫ କରିବାରେ ପୁଲିସ ବିଫଳ ହୋଇଥିବାରୁ ସଜା ହାର ବଢୁନି ବୋଲି ସାଇବର ବିଶେଷଜ୍ଞ ମତ ଦେଇଛନ୍ତି। ପୁଲିସ ଦକ୍ଷତା ଏବଂ ବୈଷୟିକ ଜ୍ଞାନକୌଶଳର ଅଭାବ ଥିବାରୁ ରାଜ୍ୟ ବାହାରର ଏକାଧିକ ସାଇବର ମାମଲାରେ ପୁଲିସ ଗିରଫ କରିପାରୁନି।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ(ଏନ୍‌ସିଆର୍‌ବି)ର ତଥ୍ୟ ଅନୁସାରେ, କର୍ଣ୍ଣାଟକରେ ୧୨.୧ ପ୍ରତିଶତ ଥିବା ବେଳେ ଆସାମରେ ୧୩.୮ ପ୍ରତିଶତ ରହିଛି। ସେହିପରି ତେଲଙ୍ଗାନା ୨୭.୩ ପ୍ରତିଶତ ରହିଥିବା ବେଳେ ମହାରାଷ୍ଟ୍ରରେ ୪.୫ ଏବଂ ଓଡ଼ିଶାରେ ୪.୪ ପ୍ରତିଶତ ରହିଛି। ଗିରଫଦାରୀ ସହ ସଜା ହାର ବଢ଼ାଇବା ପାଇଁ ଓଡ଼ିଶା ପୁଲିସ ଏକ ଉପାୟ ଆପାଣାଇଛି। ବର୍ତ୍ତମାନ ସାଇବର ଥାନାରେ ନିଯୁକ୍ତି ହୋଇଥିବା ଡିଏସ୍‌ପିମାନଙ୍କୁ ରାଜ୍ୟ ବାହାରେ ତାଲିମ ଦିଆଯିବ। ଏଥିସହ ସମସ୍ତ ସାଇବର ଥାନାରେ ଥିବା ଇନ୍ସପେକ୍ଟରଙ୍କୁ ମଧ୍ୟ ଏହି ତାଲିମରେ ସାମିଲ କରାଯିବ। ଆହୁରି ମଧ୍ୟ ଅନ୍ୟ ରାଜ୍ୟର ପୁଲିସ ସାଇବର ମାମଲାର ସମାଧାନ କରିବା ପାଇଁ ସାଇବର ଏକ୍ସପର୍ଟଙ୍କୁ ରଖିଛନ୍ତି। ସେମାନେ ତଦନ୍ତ ଅଧିକାରୀଙ୍କୁ ତଦନ୍ତରେ ସହାୟକ କରୁଛନ୍ତି। ଏହି ଢଙ୍ଗରେ ଓଡ଼ିଶା ପୁଲିସ ସବୁ ସାଇବର ଥାନାରେ ଏକ୍ସପର୍ଟମାନଙ୍କୁ ନିଯୁକ୍ତି ଦେବେ। ସେମାନେ ତଦନ୍ତ ଅଧିକାରୀଙ୍କୁ ସହାୟକ କରିବେ। ଯାହାଫଳରେ ସାଇବର ମାମଲାରେ ଗିରଫଦାରୀ ସଂଖ୍ୟା ବଢ଼ିବା ସହ ସଜା ହାର ବଢ଼ିବ ବୋଲି ପୁଲିସ ଆଶା ରଖିଛି।

## ଅନୁବନ୍ଧନ ନବୀକରଣ ନ କରିବାରୁ ବୃତ୍ତିରୁ ବଞ୍ଚିତ ଛାତ୍ରଛାତ୍ରୀ

**ଭୁବନେଶ୍ୱର,୧୩।୬(ସମିସ):** ନ୍ୟାସନାଲ ସ୍କୋଲାରସିପ ପୋର୍ଟାଲରେ ରାଜ୍ୟ ନୋଡାଲ ଅଫିସରଙ୍କ ନାମ ପରିବର୍ତ୍ତନ ହୋଇଛି। କିନ୍ତୁ ପରିବର୍ତ୍ତନ ହୋଇନି ଅଧିକାରୀଙ୍କ ଯୋଗାଯୋଗ ନମ୍ବର। ଛାତ୍ରବୃତ୍ତି ସମ୍ବଳିତ ତଥ୍ୟ ଜାଣିବା ପାଇଁ ହେଲେ ୱେବସାଇଟରେ ଦିଆଯାଇଥିବା ନମ୍ବରରେ ଯୋଗାଯୋଗ କରିଲେ ପୂର୍ବତନ ଆଞ୍ଚଳିକ ଅଧିକାରୀ ଯଶୋବନ୍ତ ସାମଲଙ୍କ ସହ ଯୋଗାଯୋଗ ହେଉଛି। ଯାହାକୁ ନେଇ ହଇରାଣ ହେଉଛନ୍ତି ଅନେକ ଛାତ୍ରଛାତ୍ରୀ। ଫକିରମୋହନ ବିଶ୍ୱବିଦ୍ୟାଳୟ ଓ ଫକିରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପରି ରାଜ୍ୟର ଅନେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଆଫିଲେସନ (ଅନୁବନ୍ଧନ) ସାର୍ଟିଫିକେଟ ନବୀକରଣ ହୋଇନଥିବାରୁ ଜାତୀୟ ଛାତ୍ରବୃତ୍ତିରୁ ବଞ୍ଚିତ ହେଉଛନ୍ତି ଅନେକ ଛାତ୍ରଛାତ୍ରୀ।

**ୱେବସାଇଟରୁ ବଦଳୁନି ପୁରୁଣା ଯୋଗାଯୋଗ ନମ୍ବର**

ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅଧିକାରୀଙ୍କୁ ଛାତ୍ରଛାତ୍ରୀ ବାରମ୍ବାର ଅଭିଯୋଗ କଲେବି କୌଣସି ସୁଫଳ ମିଳୁନାହିଁ। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅଧିକାରୀଙ୍କ ଏଭଳି ଦାୟିତ୍ୱହୀନତା ପାଇଁ ଅନେକ ଗରିବ ଶ୍ରେଣୀର ପିଲା ପାଠପଢ଼ା ପାଇଁ ଆର୍ଥିକ ସଙ୍କଟରେ ସମ୍ମୁଖୀନ ହେଉଛନ୍ତି। ଆର୍ଥିକ ସଙ୍କଟରେ ସମ୍ମୁଖୀନ ହୋଇ କିଛି ଛାତ୍ରଛାତ୍ରୀ ମଧ୍ୟ ଅଧାରୁ ପାଠପଢ଼ା ଛାଡ଼ିଦେଉଛନ୍ତି। ଶିକ୍ଷାର ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ଦେବା ସହ ଉଚ୍ଚ ଶିକ୍ଷା ପାଇଁ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଦେଉଛନ୍ତି। କିନ୍ତୁ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଦାୟିତ୍ୱହୀନତା ପାଇଁ ସରକାରୀ ପ୍ରୋତ୍ସାହନ ପାଇପାରୁନାହାନ୍ତି ଅନେକ ଛାତ୍ରଛାତ୍ରୀ। ଏନେଇ ଷ୍ଟେଟ୍ ନୋଡାଲ ଅଫିସର ରଶ୍ମିରେଖା ଅମାନ୍ତ କହିଛନ୍ତି, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଅଧିକାରୀଙ୍କୁ ବାରମ୍ବାର ଆଫିଲେସନ୍ ନବୀକରଣ କରିବାକୁ ଚିଠି କରିଛୁ। ହେଲେ ସେମାନେ ଆଫିଲେସନ ସାର୍ଟିଫିକେଟ ନବୀକରଣ ନ କରିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ସେ ସ୍ୱୀକାର କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ବହୁ ଛାତ୍ରଛାତ୍ରୀ ଜାତୀୟ ଛାତ୍ରବୃତ୍ତିରୁ ବଞ୍ଚିତ ହେଉଛନ୍ତି।

## ମୋହନଙ୍କ ନାମରେ ନକଲି ଆକାଉଣ୍ଟ

**ସ୍ପଷ୍ଟୀକରଣ ଦେଲା ସୂଚନା ଓ ଲୋକସଂପର୍କ ବିଭାଗ**

**ଭୁବନେଶ୍ୱର, ୧୩।୬(ସମିସ):** କେହି ଦୁର୍ବୃତ୍ତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଫଟୋକୁ ବ୍ୟବହାର କରି ତାଙ୍କ ନାଁରେ ଏକ ଫେକ୍ 'ଏକ୍ସ' ଆକାଉଣ୍ଟ ଖୋଲିଛି। ସେହି ଆକାଉଣ୍ଟରେ '୫-ଟି' ଓ 'ମୋ ସରକାର' ବନ୍ଦ ସଂକ୍ରାନ୍ତ ଏକ ଫେକ୍ ନ୍ୟୁଜ୍ ପୋଷ୍ଟ କରାଯାଇଛି। ଏହାପରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଏନେଇ ସ୍ପଷ୍ଟୀକରଣ ଦିଆଯାଇଛି। ଏଥିସହ ଫେକ୍ ଓ ପ୍ରକୃତ ଆଇଡିର ହୋମ୍ ପେଜ୍‌କୁ ପୋଷ୍ଟ କରାଯାଇଛି। ଏହି ପୋଷ୍ଟରୁ ଦେଖିବାକୁ ମିଳିଛି ଦୁଇଟି(ଫେକ୍ ଓ ପ୍ରକୃତ)ର ମାଷ୍ଟହେଡ୍ ସମାନ ରହିଥିଲା ବେଳେ ଫେକ୍ ଆକାଉଣ୍ଟର ୟୁଜର୍ସ ନାମ 'ମୋହନମାଝୀବିଜେପି' ଲେଖାଥିବା ବେଳେ ଅସଲ ଆକାଉଣ୍ଟ ହେଉଛି 'ମୋହନମୋଓଡ଼ିଶା'। ଏହି ସମାନ ୟୁଜର୍ସ ନାମରେ ମୁଖ୍ୟମନ୍ତ୍ରୀଙ୍କର ଫେସ୍‌ବୁକ୍ ଓ ଟ୍ୱିଟର୍ ଆକାଉଣ୍ଟ ମଧ୍ୟ ରହିଛି।

## ନିଟ୍-ୟୁଜି ପରୀକ୍ଷା ଅନିୟମିତତାରେ ପ୍ରତିପତ୍ତିଶାଳୀଙ୍କ ସମ୍ପୃକ୍ତି ଅଭିଯୋଗ

**ଭୁବନେଶ୍ୱର, ୧୩।୬(ସମିସ):** ନିଟ୍ ୟୁଜି ପରୀକ୍ଷା ଦୁର୍ନୀତିରେ ବହୁ ପ୍ରତିପତ୍ତିଶାଳୀଙ୍କ ସମ୍ପୃକ୍ତି ରହିଛି। ବଡ଼ ବଡ଼ କର୍ପୋରେଟ କୋଚିଙ୍ଗ୍ ସଂସ୍ଥାର ଲାଭ ଓ ଲୋଭ ଚରିତାର୍ଥ କରିବା ପାଇଁ ବ୍ୟାପକ ଅନିୟମିତତା କରାଯାଉଛି। ପ୍ରଶ୍ନପତ୍ର ଲିକ୍ ଓ ଏନ୍.ଟି.ଏ.ର କେନ୍ଦ୍ରୀଭୂତ ପରୀକ୍ଷା ପରିଚାଳନାକୁ ଏଥିପାଇଁ ଦାୟୀ କରିଛନ୍ତି ଶିକ୍ଷାବିତ୍ ଓ ବିଭିନ୍ନ ଛାତ୍ର ସଂଗଠନ। ଏଆଇଏସ୍‌ଏଫ୍ ରାଜ୍ୟ ସଭାନେତ୍ରୀ ସଙ୍ଘମିତ୍ରା ଜେନା କହିଛନ୍ତି, ଗୋଟିଏ କୋଚିଂ ସଂସ୍ଥାର ୬ ଜଣ ପରୀକ୍ଷାର୍ଥୀ ଗୋଟିଏ ପରୀକ୍ଷା କେନ୍ଦ୍ରରେ ଜଣଙ୍କ ପରେ ଜଣେ କ୍ରମାନ୍ୱୟରେ ବସିବା ଏବଂ ସେମାନେ ସମସ୍ତେ ଟପ୍ପର ହେବା ଘଟଣା ଏନ୍‌ଟିଏର ସ୍ୱଚ୍ଛତା ଓ ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଡାକ୍ତରୀ ପଢ଼ିବା ପାଇଁ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ବଡବଡ କୋଚିଂ ସେଣ୍ଟରରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରନ୍ତି। ରାଜ୍ୟ ଏବଂ ରାଜ୍ୟ ବାହାରେ ଥିବା ଦାମୀ କୋଚିଂ ସେଣ୍ଟରର ଲାଭ ଓ ଲୋଭ ଚରିତାର୍ଥ ହୁଏ ମାତ୍ର ଶୋଷଣର ଶୀକାର ହୁଅନ୍ତି ଛାତ୍ରଛାତ୍ରୀ ଓ ତାଙ୍କ ଅଭିଭାବକ। ଏଭଳି ଅନିୟମିତତା ପାଇଁ ଶିକ୍ଷା ଓ ପରୀକ୍ଷା ବ୍ୟବସ୍ଥାର କେନ୍ଦ୍ରୀକରଣ ମୁଖ୍ୟତଃ ଦାୟୀ ବୋଲି ସେ କହିଛନ୍ତି। ସେହିପରି ଶିକ୍ଷାବିତ୍ ଜୟନ୍ତ ଦାସ ମଧ୍ୟ ସମାନ ଅଭିଯୋଗ ଆଣିଛନ୍ତି। ଦେଶର ଶିକ୍ଷା ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବା ପାଇଁ ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି।

■ ନିଟ୍ ୟୁଜି ପରୀକ୍ଷା ସ୍କାମ୍‌ରେ କେନ୍ଦ୍ର ସରକାରଙ୍କୁ ପ୍ରଦେଶ ଛାତ୍ର କଂଗ୍ରେସର ସମାଲୋଚନା

## ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

**ଭୁବନେଶ୍ୱର, ୧୩।୬(ସମିସ):** ନିଟ୍ ୟୁଜି ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଛି। କେନ୍ଦ୍ରରେ କ୍ଷମତାସୀନ ବିଜେପି ସରକାର ଛାତ୍ରଛାତ୍ରୀଙ୍କ ସହ ବିଶ୍ୱାସଘାତକ କାର୍ଯ୍ୟ କରିଛି। ୧୫ଶହରୁ ଅଧିକ ଛାତ୍ରଛାତ୍ରୀଙ୍କୁ ୭୦ରୁ ୮୦ ମାର୍କ ଲେଖାଏଁ ଗ୍ରେସ୍ ମାର୍କ ପ୍ରଦାନ କରିବାକୁ ପ୍ରଦେଶ ଛାତ୍ର କଂଗ୍ରେସ କମିଟି ବିରୋଧ କରିଛି। ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜଙ୍କ ନେତୃତ୍ୱରେ ଗୁରୁବାର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କୁଶପୁତ୍ତଳିକା ଦାହ କରିଛି।

ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ନୱାଜ କହିଛନ୍ତି, ନିଟ୍ ୟୁଜି ପରୀକ୍ଷାରେ ଅନିୟମିତତା ଏକ ଯୋଜନା ବଦ୍ଧ ସ୍କାମ୍। ସମ୍ପୂର୍ଣ୍ଣ ଦୁର୍ନୀତିରେ ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ସମ୍ପୃକ୍ତ। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ କରିବାର ପ୍ରମାଣ ରହିଛି। ଜୁନମାସ ୧୪ ତାରିଖରେ ରେଜଲ୍ଟ ବାହାରିବା କଥା। ମାତ୍ର ଏହାର ୧୦ ଦିନ ପୂର୍ବରୁ ସାଧାରଣ ନିର୍ବାଚନ ଫଳ ବାହାରିବା ଦିନ କାହିଁକି ଫଳ ପ୍ରକାଶ ପାଇଲା ବୋଲି ସେ ପ୍ରଶ୍ନ କରିଛନ୍ତି। କିପରି ସମସ୍ତଙ୍କ ଦୃଷ୍ଟିରୁ ଏହାକୁ ଏଡ଼ାଇ ଦିଆଯିବ, ସେଥିପାଇଁ ଏହା ଏକ ଷଡ଼ଯନ୍ତ୍ର ବୋଲି ସେ



ଅଭିଯୋଗ କରିଛନ୍ତି। ସେହିପରି ୬୭ ଜଣ ଛାତ୍ରଙ୍କୁ ଫୁଲ୍ ମାର୍କ ୭୨୦ ଦିଆଯାଇଛି। ଏହାସହ ୭୧୯ ଓ ୭୧୮ ମଧ୍ୟ କିଛି ପରୀକ୍ଷାର୍ଥୀ ପାଇଛନ୍ତି। ଗୋଟିଏ ପ୍ରଶ୍ନ ପାଇଁ ୪ ନମ୍ବର ଥାଏ। ଗୋଟିଏ ପ୍ରଶ୍ନ ଭୁଲ୍ କଲେ ୭୧୫ ବା ଗୋଟିଏ ଛାଡିଦେଲେ ୭୧୬ ପାଇବା କଥା। ହେଲେ ପରୀକ୍ଷାର୍ଥୀଙ୍କୁ କିପରି ୭୧୮ ଓ ୭୧୯ ନମ୍ବର ଦିଆଯାଇଛି ବୋଲି ପ୍ରଶ୍ନ କରିଛନ୍ତି। ସେହିପରି ଗୋଟିଏ ପରୀକ୍ଷା କେନ୍ଦ୍ରରୁ ଏକାଧିକ ପରୀକ୍ଷାର୍ଥୀ ଟପ୍ପର ହୋଇଛନ୍ତି। କିଛି କେନ୍ଦ୍ରରେ ପରୀକ୍ଷାର୍ଥୀଙ୍କୁ ଭୁଲ ପ୍ରଶ୍ନ ବଣ୍ଟନ କରାଯାଇଛି। ଏହି ଘଟଣାରେ ବିଚାରବିଭାଗୀୟ ତଦନ୍ତ ଦାବି କରିବା ସହ ନିଟ ୟୁଜି-୨୦୨୪ ପୁନଃ ପରୀକ୍ଷା କରିବାକୁ ପ୍ରଦେଶ ଛାତ୍ର କଂଗ୍ରେସ ଦାବି କରିଛି। ଏହି କାର୍ଯ୍ୟକ୍ରମରେ ନିହାର ବେହେରା, ଗଣେଶ ଦାସ, ବିଶ୍ୱଭୂଷଣ ମହାପାତ୍ର, ସାଗର ପଟ୍ଟନାୟକ, କାର୍ତ୍ତିକେଶ୍ୱର କାଣ୍ଡି, ଶ୍ରୀ ମହାନ୍ତି, ସନ୍ଦୀପ ରାଉତରାୟ, ସୁରଜ ରାଉତ, ସୁନିଲ ସାହୁ ଗାନ୍ଧୀ, ସ୍ୱନ୍ଦନ ସ୍ୱାଇଁ, ଇଜଲ ଖାନ, ରାଜେଶ ଦାସ, ଆରିୟାନ ସାସମଲ, ସେକ ରେହମତ ଅଲ୍ଲୀ, ସୌମ୍ୟଦୀପ ଦେ, ମହମ୍ମଦ ଜାକିର ଖାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

**କାନକଟା ଘାଟିରେ ଦୁର୍ଘଟଣା**

## ୨ ମୃତ; ଜଣେ ଗୁରୁତର

**ପାତ୍ରପୁର, ୧୩।୬ (ସମିସ):** ଗଜପତି ଜିଲ୍ଲା କାନକୁଟା ଘାଟିରେ ଗୁରୁବାର ରାତିରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ପିକ୍‌ଅପ୍ ଓଲଟି ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ, ଗଞ୍ଜାମ ଜିଲ୍ଲା ଖାରିଆଗୁଡ଼ା ଫାଣ୍ଡି ନୀଳାଦ୍ରିଚନ୍ଦ୍ରପୁର ଗ୍ରାମର ଲିଟୁ ସାହୁ(୩୫) ଓ କୁରେଶୁ ବାଡ଼ତ୍ୟା (୪୪)। ଗୁରୁତର ପ୍ରମୋଦ ସାହୁଙ୍କୁ ତୁରୁବୁଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ନୀଳାଦ୍ରିଚନ୍ଦ୍ରପୁର ଗ୍ରାମର ଲିଟୁ, କୁରେସୁ ଓ ପ୍ରମୋଦ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଆମ୍ବ ଲୋଡ୍ କରି ରାମଗିରିରୁ ଗ୍ରାମକୁ ଫେରୁଥିଲେ। ଗଞ୍ଜାମ-ଗଜପତି ଜିଲ୍ଲା ସୀମାନ୍ତ କାନକଟା ଘାଟି ନିକଟରେ ଭ୍ୟାନ୍‌ଟି ଭାରସାମ୍ୟ ହରାଇ ଖାଇକୁ ଓଲଟି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ଲିଟୁ ଓ କୁରେସୁଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରମୋଦ ଗୁରୁତର ଆହତ ହୋଇଥିଲେ। ଖବର ପାଇ ଖାରିଆଗୁଡ଼ା ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଚଳାଇଛି।

**କେନ୍ଦ୍ରୀୟ ସାଂସ୍କୃତିକ ସଂସଦ ଗୋକନ ଆନୁକୂଲ୍ୟରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ**

## ଡ. ଅଭିମନ୍ୟୁ ବରାଳଙ୍କୁ 'କବିସମ୍ରାଟ ଉପେନ୍ଦ୍ର ଭଞ୍ଜ' ସମ୍ମାନ

**ମାହାଙ୍ଗା, ୧୩।୬(ସମିସ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଏରକଣାସ୍ଥିତ ଭଞ୍ଜ ମଣ୍ଡପ ଠାରେ ଗୋକନ ମାହାଙ୍ଗା କେନ୍ଦ୍ରୀୟ ସାଂସ୍କୃତିକ ସଂସଦ ଗୋକନ ଆନୁକୂଲ୍ୟରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ ରଜ ଉତ୍ସବ ଓ ମାହାଙ୍ଗା ମହୋତ୍ସବ ସମାରୋହ ପାଳିତ ହୋଇଯାଇଛି। ଏହି ସମାରୋହରେ ଭଞ୍ଜ ସାହିତ୍ୟର ପ୍ରବକ୍ତା ତଥା ଭଞ୍ଜ ଗବେଷକ ଡ. ଅଭିମନ୍ୟୁ ବରାଳଙ୍କୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନରେ

**ରଜ ଉତ୍ସବ ଓ ମାହାଙ୍ଗା ମହୋତ୍ସବ ସମାରୋହ**



ସମ୍ମାନିତ କରାଯାଇଥିବା ବେଳେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦୀନବନ୍ଧୁ ପାତ୍ରଙ୍କୁ ମାହାଙ୍ଗା ଶ୍ରେଷ୍ଠ ସମାଜସେବୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଂସଦ ସଭାପତି ସେକ ମସୁଦ ଅଲ୍ଲୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ କଳାବିକାଶ କେନ୍ଦ୍ର ସଭାପତି ପ୍ରଫେସର ବିଜୟାନନ୍ଦ ସିଂ, ଉତ୍କଳ ଗଣକବି ବୈଷ୍ଣବ ପାଣି ସ୍ମୃତି ସଂସଦ ଉପସଭାପତି ପ୍ରଫେସର କାର୍ତ୍ତିକ ଚନ୍ଦ୍ର ବରାଳ, ମୁଖ୍ୟବକ୍ତା ଭଞ୍ଜ ଗବେଷକ ମୁଖ୍ୟବକ୍ତା ଅଧାପକ ଡ. ଅନୁପ କୁମାର ମାର୍ଥା, ଉପସଭାପତି କ୍ଷୀରୋଦ ସାହୁ, ସାଧାରଣ ସମ୍ପାଦକ ନଳିନୀକାନ୍ତ ନାୟକ ଓ କେନ୍ଦ୍ରୀୟ ସାଂସ୍କୃତିକ ସଂସଦର କର୍ମକର୍ତ୍ତା ବୃନ୍ଦ ଉପସ୍ଥିତ ରହି ଭଞ୍ଜ ସାହିତ୍ୟ ଓ ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ମାହାଙ୍ଗା ବ୍ଲକସ୍ତରରେ ମାଟ୍ରିକ୍ ଓ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ମାହାଙ୍ଗା ମେଧା ଶ୍ରେଷ୍ଠ ସମ୍ମାନ-୨୦୨୪ ଓ ରଜ ଉତ୍ସବ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା।

ସୂଚନାଯୋଗ୍ୟ ଯେ ଏହି ସମାରୋହ ମାହାଙ୍ଗାର ପୂର୍ବତନ ମନ୍ତ୍ରୀ ଓ ବିଧାୟକ ସ୍ୱର୍ଗତ ମତଲୁବ ଅଲ୍ଲୀଙ୍କ ଅଧ୍ୟକ୍ଷତାରେ ୧୯୭୪ରୁ ଅନୁଷ୍ଠିତ ହୋଇଆସୁଛି। ବର୍ତ୍ତମାନ ତାଙ୍କ ପୁତ୍ର ମସୁଦ ଅଲ୍ଲୀଙ୍କ ପ୍ରଚେଷ୍ଟାରେ ୫୨ତମ ସମାରୋହ ଉତ୍ସବ ପାଳିତ ହୋଇଯାଇଛି।

## ନିଯୁକ୍ତିଭିତ୍ତିକ ଶିକ୍ଷା ପ୍ରତି ବଢୁଛି ଛାତ୍ରଛାତ୍ରୀଙ୍କ ଆଗ୍ରହ

**ଭୁବନେଶ୍ୱର, ୧୩।୬(ସମିସ):** ଡାକ୍ତରୀ ଓ ବିଏଡ୍ ପଢ଼ିବା ପାଇଁ ପ୍ରବେଶିକା ପରୀକ୍ଷା ଦେବାକୁ ଅଧିକ ଛାତ୍ରଛାତ୍ରୀ ପଞ୍ଜିକରଣ କରୁଛନ୍ତି। ନିୟମିତ ଭାବେ ଏହି ସଂଖ୍ୟା ବୃଦ୍ଧି ପାଉଛି। ଏପରିକି ବିଏଡ୍‌ରେ ଥିବା ମୋଟ୍ ସିଟ୍ ସଂଖ୍ୟାର ୩୪ ଗୁଣ ଅଧିକ ପଞ୍ଜିକରଣ ହୋଇଛି। ଅପରପକ୍ଷରେ ଉଚ୍ଚଶିକ୍ଷା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମ ପରିମାଣରେ ଉତ୍ସାହ ଦେଖାଯାଉନାହିଁ। ସ୍ନାତକୋତ୍ତର

- ବିଏଡ୍ ପ୍ରବେଶିକା ପରୀକ୍ଷା ପାଇଁ ୩୪ ଗୁଣ ପଞ୍ଜିକରଣ
- ନିଟ୍ ପାଇଁ ବଢ଼ିଲା ଓ ସିପିଇଟି ପାଇଁ କମିଲା ଆବେଦନ

ପଢ଼ିବା ପାଇଁ ସିପିଇଟି ପରୀକ୍ଷା ଦେବାକୁ ପୂର୍ବବର୍ଷ ଅପେକ୍ଷା ଆବେଦନ କମିଛି। ନିଯୁକ୍ତିଭିତ୍ତିକ ଶିକ୍ଷା ପାଇଁ ଛାତ୍ରଛାତ୍ରୀଙ୍କ ଆଗ୍ରହ ବଢୁଥିବାବେଳେ ଉଚ୍ଚଶିକ୍ଷା ପାଇଁ ଆବେଦନ କମୁଛି।

୨୦୨୪-୨୫ ଶିକ୍ଷାବର୍ଷରେ ବିଏଡ୍ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ ସରିଛି। ସମୁଦାୟ ୩୧ଟି ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ ୨୭୫୦ସିଟ୍ ଉପଲବ୍ଧ ରହିଛି। ଏଥିପାଇଁ ସମୁଦାୟ ୯୫ ହଜାର ୧୧୨ ଜଣ ଆଶାୟୀ ପଞ୍ଜିକରଣ କରିଛନ୍ତି। ଅର୍ଥାତ ପ୍ରାୟ ୩୪ ଗୁଣ ଅଧିକ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି। ତନ୍ମଧ୍ୟରେ ୩୩ହଜାର ୩୭୬ ଜଣ ଛାତ୍ରୀ ଥିବାବେଳେ ୬୧ ହଜାର ୭୩୯ ଜଣ ଛାତ୍ର ରହିଛନ୍ତି। ସେହିପରି କେବଳ ବିଇଡି ପାଇଁ ୯୧ ହଜାର ୭୭୫ ଜଣ ଆବେଦନ କରିଥିବାବେଳେ ବିଏଚ୍‌ଇଡି ପାଇଁ ୧୮୮୬ ଓ ଏମ୍‌ଇଡି ପାଇଁ ୧୨୫୧ ଜଣ ଆବେଦନ କରିଛନ୍ତି। ଅନୁରୂପ ଭାବେ ସ୍ନାତକୋତ୍ତର ପଢ଼ିବା ପାଇଁ ଉଦ୍ଦିଷ୍ଟ ଏକକ ପିଜି ପ୍ରବେଶିକା ପରୀକ୍ଷା ବା ସିପିଇଟି ପାଇଁ ମଧ୍ୟ ଆବେଦନ ସରିଛି। ଏଥିପାଇଁ ୬୩ହଜାର ୧୫୦ଜଣ ପଞ୍ଜିକରଣ କରିଛନ୍ତି। ଆବେଦନକାରୀଙ୍କ ମଧ୍ୟରୁ ୬୨ହଜାର ୫୧୦ ଜଣ ଆବଶ୍ୟକ ଫି' ଦାଖଲ କରିଛନ୍ତି। ଆବେଦନକାରୀଙ୍କ ମଧ୍ୟରେ ୪୩ହଜାର ୬୨୫ଜଣ ଛାତ୍ରୀ ଥିବାବେଳେ ୨୧ ହଜାର ୩୫୯ ଜଣ ଛାତ୍ର ରହିଛନ୍ତି। ଚଳିତବର୍ଷ ୧୧୩ଟି ଶିକ୍ଷାନୁଷ୍ଠାନରେ ୨୮ହଜାର ୯୨୬ଟି ସିଟ୍ ଉପଲବ୍ଧ ରହିଛି। ଅର୍ଥାତ ଏଥିପାଇଁ ପ୍ରାୟ ୨ଗୁଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି। ଅପରପକ୍ଷରେ ୨୦୨୩ ତୁଳନାରେ ଚଳିତବର୍ଷ ଆବେଦନ ସଂଖ୍ୟା କମିଛି। ୨୦୨୩ ମସିହାରେ ମୋଟ୍ ୬୯ହଜାର ୭୦୫ଜଣ ପରୀକ୍ଷା ଦେବାପାଇଁ ପଞ୍ଜିକରଣ କରିଥିଲେ। ଚଳିତ ବର୍ଷ ୭ହଜାର ୧୯୫ଟି ଆବେଦନ କମିଥିବା ଜଣାପଡ଼ିଛି। ସେହିପରି ଡାକ୍ତରୀ ପଢ଼ିବାକୁ ମଧ୍ୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଗ୍ରହ ବୃଦ୍ଧି ପାଉଛି। ୨୦୨୩ ମସିହା ତୁଳନାରେ ଚଳିତ ବର୍ଷ ୮୪୬୭ ଜଣ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ଅଧିକରୁ ଅଧିକ ଛାତ୍ରଛାତ୍ରୀ ମଧ୍ୟ ସଫଳ ହେଉଛନ୍ତି। ଚଳିତ ବର୍ଷ ୬୬ ହଜାର ୩୩୩ ଜଣ ଛାତ୍ରଛାତ୍ରୀ ନିଟ୍ ପରୀକ୍ଷା ଦେଇଛନ୍ତି। ତନ୍ମଧ୍ୟରୁ ୩୨ ହଜାର ୬୧୭ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ୨୦୨୩ରେ ୫୫ ହଜାର ୮୬୬ ଜଣ ଛାତ୍ରଛାତ୍ରୀ ପଞ୍ଜିକରଣ କରିଥିବାବେଳେ ୨୮ ହଜାର ୩୩୦ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିଲେ।

**ନୂଆ ପାଣିପାଗ କେନ୍ଦ୍ର ଛାତରେ ଲାଗିବ 'ସି ବ୍ୟାଣ୍ଡ' ରାଡାର୍**

## ୨୫୦ କିଲୋମିଟର ଦୂରରୁ ସଂଗ୍ରହ କରିବ ସୂଚନା

**ବାଲେଶ୍ୱର, ୧୩।୬(ସମିସ):** ମାସେ କି ବର୍ଷେ କି ନୁହେଁ ବରଂ ଦୀର୍ଘ ୧୧ ବର୍ଷ ପରେ ବି କାର୍ଯ୍ୟକ୍ଷମ ହୋଇପାରୁ ନ ଥିଲା ବାଲେଶ୍ୱରର ୪ ମହଲା ବିଶିଷ୍ଟ ପାଣିପାଗ ବିଭାଗର ନୂତନ କାର୍ଯ୍ୟାଳୟ। ବର୍ତ୍ତମାନ ଏହି ୪ ମହଲା ବିଶିଷ୍ଟ ମହଲା ଖୁବଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ସୂଚନା ମିଳିଛି। କାରଣ ମହଲା ଉପରେ ଲାଗିବାକୁ ଥିବା ରାଡାର୍ ଆସି ଭୁବନେଶ୍ୱର ପହଞ୍ଚିଛି। ଆବଶ୍ୟକୀୟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ ହେଲେ ପ୍ରାୟ ଆଗାମୀ ଛଅ ମାସ ଭିତରେ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଇଛି। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ରର ବୈଜ୍ଞାନିକ ଉମାଶଙ୍କର ଦାସ ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ଡୋପଲର ରାଡାର ଷ୍ଟେସନ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଗୁରୁବାର ବାଲେଶ୍ୱରଗସ୍ତ କରିଥିଲେ। ନିର୍ମାଣ କାର୍ଯ୍ୟ ତଦାରଖ ଏବଂ ଆବଶ୍ୟକୀୟ ଅବଶିଷ୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ବୈଜ୍ଞାନିକ ଶ୍ରୀ ଦାସଙ୍କ ସହିତ ଭୁବନେଶ୍ୱର ଓସଡମା ଇଞ୍ଜିନିଅର ଧରଣୀଧର ପ୍ରଧାନ ଓ ବାଲେଶ୍ୱର ପାଣିପାଗ କାର୍ଯ୍ୟାଳୟ ମୁଖ୍ୟ ମଦନ ମୋହନ ଦାସଙ୍କ ସହିତ ଏକ ପ୍ରତିନିଧି ଦଳ ବାଲେଶ୍ୱର ପିଡବ୍ଲୁଡିର ଅଧୀକ୍ଷଣ ଯନ୍ତ୍ରୀ ବଙ୍କିମ ଚନ୍ଦ୍ର ପଣ୍ଡାଙ୍କ ସହିତ ଆଲୋଚନା କରିଥିଲେ। ଏହି ଆଲୋଚନାରେ ପିଡବ୍ଲୁଡି କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀଗଣ ଏବଂ ରାଡାର ଯୋଗାଣ କମ୍ପାନୀର ଇଞ୍ଜିନିୟର ମାନସ ରଞ୍ଜନ ପଣ୍ଡା ଅଂଶଗ୍ରହଣ କରିଥିଲେ।

ସୂଚନା ଅନୁସାରେ, ବାଲେଶ୍ୱରରେ ଡୋପଲର ରାଡାର ସ୍ଥାପନ ପାଇଁ ଏକ ସି ବ୍ୟାଣ୍ଡ ରାଡାର ଭୁବନେଶ୍ୱର କାର୍ଯ୍ୟାଳୟରେ ଆସି ପହଞ୍ଚିଛି। ଆବଶ୍ୟକ ନିର୍ମାଣ ଶେଷ ହେଲେ ବହୁତ ଶୀଘ୍ର ରାଡାର ସ୍ଥାପନ ହେବ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶିତ। ଏହାବ୍ୟତୀତ କିଛି ଦିନ ତଳେ ହାଇଦ୍ରାବାଦର ଆଷ୍ଟ୍ର କମ୍ପାନୀ ଏବଂ ବାଲେଶ୍ୱରର ପିଡବ୍ଲୁଡି କାର୍ଯ୍ୟାଳୟର ଇଂଜିନିୟରଙ୍କ ସହିତ ବାଲେଶ୍ୱର ପାଣିପାଗ କାର୍ଯ୍ୟାଳୟ ମୁଖ୍ୟ ମଦନମୋହନ ଦାସ ସି ବ୍ୟାଣ୍ଡ ରାଡାର ବିଲଡିଙ୍ଗ୍ ର

- ଘୂର୍ଣ୍ଣିବଳୟ, ବର୍ଷା ଏବଂ ବଜ୍ରପାତ ସମ୍ପର୍କିତ ଦେବ ଆଗୁଆ ସୂଚନା
- ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ବୈଜ୍ଞାନିକ ଉମାଶଙ୍କର ଦାସଙ୍କ ବାଲେଶ୍ୱର ଗସ୍ତ

ନିର୍ମାଣ ସ୍ଥାନ ପରିଦର୍ଶନ କରିଥିଲେ। ପ୍ରକାଶ ଥାଉ କି, ୨୦୧୩ ମସିହାରେ ଚାନ୍ଦିପୁର ସ୍ଥିତ ନୂଆନଇ ନିକଟରେ ୩ ଏକର ଜମିରେ ପିଡବ୍ଲୁଡି ପାଣିପାଗ ବିଭାଗ ନୂତନ ବିଲ୍ଡିଂ କାମ ଆରମ୍ଭ କରିଥିଲା। ୫ କୋଟି ୧୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମହଲା ୨୦୧୪ ସୁଦ୍ଧା ରାଜ୍ୟ ସରକାରଙ୍କୁ ପିଡବ୍ଲୁଡି ହସ୍ତାନ୍ତର କରିବା କଥା ଥିଲା। ଏଭିତରେ ୧୧ ବର୍ଷ ବିତିଗଲା ହେଲେ ବିଭାଗ ଏହି ମହଲା ହସ୍ତାନ୍ତର କଳିପାରିଲା ନାହିଁ। ଏବେ ଏହି ମହଲା କାମ ତ୍ୱରାନ୍ୱିତ ହେବା ନେଇ ସୂଚନା ମିଳିଛି। ଏନେଇ ପଦକ୍ଷେପ ଗ୍ରହଣ କରାଯାଇଛି। ଖୁବଶୀଘ୍ର ମହଲାର ଛାତ ଉପରକୁ 'ସି' ବ୍ୟାଣ୍ଡ ରାଡାର୍ ସ୍ଥାପନ ହେବ। ଯାହା ୨୫୦ କିଲୋମିଟର ପର୍ଯ୍ୟନ୍ତ ଅଞ୍ଚଳର ସୂଚନା ଆଗୁଆ ସଂଗ୍ରହ କରିପାରିବ। ପଶ୍ଚିମବଙ୍ଗଠୁ ଆରମ୍ଭ କରି ପାରାଦୀପ ପର୍ଯ୍ୟନ୍ତ ଅଞ୍ଚଳରୁ ଏହି ରାଡାର୍ ପାଣିପାଗ ସମ୍ପର୍କିତ ସୂଚନା ଆଗୁଆ ଦେବ। ବିଶେଷକରି ଘୂର୍ଣ୍ଣିବଳୟ, ପ୍ରବଳ ବର୍ଷା ଏବଂ ବଜ୍ରପାତ ଆଦି ସମ୍ପର୍କରେ କିଛି ସମୟ ପୂର୍ବରୁ ସୂଚନା ସଂଗ୍ରହ କରିପାରିବ। ଫଳରେ ବିଭାଗ ଆବଶ୍ୟକ ମୁତାବକ ଲୋକଙ୍କୁ ସତର୍କ କରାଇ ପାରିବେ।



